


■ ନବରଙ୍ଗପୁର ମହାବିଦ୍ୟାଳୟକୁ ଅନୁଦାନ ଘୋଷଣା କେବଳ ଚିଠିରେ ସୀମିତ

# କଲେଜ ୪୫ ଲକ୍ଷ ଦେଲେ ମିଳିବ ଦେଢ଼ କୋଟି

ନବରଙ୍ଗପୁର,୨୭।୨(ବି.ପ୍ର.)


ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କ ସହ ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

■ ସାଢେ ୩ ହଜାର ଛାତ୍ରୀଛାତ୍ରଙ୍କ ପାଇଁ ୫୦ ଅଧାପକ
■ ଡିସେମ୍ବର ୨୯ ସୁଦ୍ଧା ୨୦ ଅଧାପକ ପଦବୀ ଖାଲି ପଡିବ
■ ସମସ୍ୟା ନେଇ ଭାଜପା ପକ୍ଷରୁ ମହାବିଦ୍ୟାଳୟ ଘେରାଉ

ନବରଙ୍ଗପୁର ମହାବିଦ୍ୟାଳୟର ବିକାଶ ପାଇଁ ଦେଢ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଯାଏ ଟଙ୍କାଟିଏ ନବରଙ୍ଗପୁର ମହାବିଦ୍ୟାଳୟକୁ ଆସିଲା ନାହିଁ । ଅନୁଦାନ ଆକାରରେ କେବଳ ଆସିଛି ଉଚ୍ଚ ଶିକ୍ଷା ବିଭାଗରୁ ଏକ ମାତ୍ର ଚଠି। ଯେଉଁଥିରେ ଉଲ୍ଲେଖ ରହିଛି ୩୦ ପ୍ରତିଶତ ମହାବିଦ୍ୟାଳୟ ଦେଲେ ଦେଢ କୋଟି ଟଙ୍କା ପ୍ରଦାନ କରାଯିବ । ଅର୍ଥାତ ଦେଢ କୋଟି ଅନୁଦାନ ପାଇବା ପାଇଁ କଲେଜକୁ ୪୫ ଲକ୍ଷ ଟଙ୍କା ଦେବାକୁ ପଡିବ। ଅନୁଦାନ ଟଙ୍କା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରିବାକୁ ମଧ ନିର୍ଦ୍ଦେଶ ରହିଛି। ଫଳରେ କଲେଜର ଉନ୍ନୟନ କାର୍ଯ୍ୟ ହୋଇପାରୁନି।

୧୯୭୧ ଜୁଲାଇ ମାସରେ ସ୍ଥାପିତ ନବରଙ୍ଗପୁର ମହାବିଦ୍ୟାଳୟକୁ ଏଯାଏ ସରକାରୀ ମାନ୍ୟତା ମିଳିନାହିଁ ଏଥିପାଇ ସରକାରଙ୍କ ନିକଟରେ ଜିଲାବାସୀ ଦାବି କରିବା ସହ ଆନ୍ଦୋଳନ କରିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ଅଗଷ୍ଟ ୩୧ ତାରିଖରେ ନବରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମହାବିଦ୍ୟାଳୟ ଭଳି ସୁବିଧା ପାଇବ ବୋଲି କହି ଦେଢକୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ । ଉକ୍ତ ଟଙ୍କାରେ ଭିତ୍ତିଭୂମିର ବିକାଶ କରାଯିବ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଏସବୁ କାର୍ଯ୍ୟ କରିବ ବୋଲି ଚିଠିରେ ସ୍ପଷ୍ଟ କରାଗଲା । ମହାବିଦ୍ୟାଳୟ ପକ୍ଷରୁ ଏକ ଅଡିଟୋରିୟମ,୨ଟି ଶ୍ରେଣୀଗୃହ, ୪ଟି ଲ୍ୟାବ କରାଯିବ ବୋଲି ଆକଳନ କରିବାକୁ ଗୃହ ନିର୍ମାଣ ବିଭାଗକୁ ଜଣାଇଥିଲେ। ମହାବିଦ୍ୟାଳୟରେ ଭିତ୍ତିଭୂମି ଉନ୍ନତି ଯାହାବି ହୋଇଛି କେବଳ ମହାବିଦ୍ୟାଳୟର ଗଚ୍ଛିତ ଟଙ୍କାରୁ ଖର୍ଚ୍ଚ ହୋଇଛି । ମହାବିଦ୍ୟାଳୟର ପରିଚାଳନା କମିଟିର ନିର୍ଦ୍ଦେଶ କ୍ରମେ ଉନ୍ନୟନ କାର୍ଯ୍ୟ ହେଉଛି। କମିଟିରେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ ଅଧ୍ୟକ୍ଷ ରହିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ପାଦକ ଅଛନ୍ତି। ସଭ୍ୟ କେହି ନାହାନ୍ତି।ଗୃହ ଓ ରାସ୍ତା ନିର୍ମାଣ ବିଭାଗ କାର୍ଯ୍ୟ କରୁ ବୋଲି ମହାବିଦ୍ୟାଳୟ କର୍ମଚାରୀ ଚାହୁଁଥିବା ବେଳେ ପରିଚାଳନା କମିଟି ଅଧ୍ୟକ୍ଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ କାର୍ଯ୍ୟ ପ୍ରଦାନ କରିଛନ୍ତି ବୋଲି କଲେଜ ଅଧ୍ୟକ୍ଷ କହିଛନ୍ତି। ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତତିନି କଳା,ବାଣିଜ୍ୟ ଓ ବିଜ୍ଞାନରେ ସାଢେ ୩ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ମାତ୍ର ୫୦ ଜଣ ଅଧ୍ୟାପିକା ଅଧ୍ୟାପକ ରହିଛନ୍ତି । ୧୮ ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ପାଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ ବଦଳି ହୋଇ ଚାଲିଗଲେ । ସେହି ସ୍ଥାନରେ ଅନ୍ୟ କେହି ଆସିଲେ ନାହିଁ। ୨୦୧୮ରେ ୩ ଜଣ ଅଧ୍ୟାପକ ଅବସର ନେଲେ। ୨୦୧୯ରେ ଆଉ ୫ ଜଣ ଅଧ୍ୟାପକ ଅବସର ନେବେ। ଏଭଳି ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ନବରଙ୍ଗପୁର ମହାବିଦ୍ୟାଳୟରେ ୨୦ ଅଧ୍ୟାପକ ପଦବୀ ଖାଲି ପଡିବ। ୪୩ ଏକର ଜମିରେ ରହିଥିବା ଏହି ମହାବିଦ୍ୟାଳୟର ନିଜସ୍ୱ ବୋଲି ୧୧ ଏକର ୨୭ ଡିସିମିଲ ଜମି ରହିଛି । ଅନ୍ୟ ଜମି ମହାବିଦ୍ୟାଳୟ ନାମରେ କରାଯିବା ପାଇଁ ଜିଲାପାଳ, ଉପଜିଲାପାଳଙ୍କୁ ଚିଠି ହୋଇଥିଲେ ମଧ ତାହା ନାଲିଫିତା ତଳେ ରହିଛି। ମହାବିଦ୍ୟାଳୟର ଆର୍ଥିକ ଉନ୍ନତି ପାଇଁ ରାସ୍ତା କଡରେ ଥିବା ଜମିରେ ଷ୍ଟଲ ନିର୍ମାଣ କରାଯିବାର ୨ ବର୍ଷ ବିତିଲାଣି । ତାହା କୌଣସି କାର୍ଯ୍ୟରେ ଲାଗୁ ନାହିଁ । କଳା ବିଭାଗ କୋଠା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏପଟେ ୨୦୨୧ରେ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବ । ନବରଙ୍ଗପୁର ମହାବିଦ୍ୟାଳୟର ଏଭଳି ସମସ୍ୟା ଗୁଡିକ ଅନୁଧ୍ୟାନ କଲେ ଶିକ୍ଷା ବ୍ୟବସ୍ଥା ଅଧୋଗତିରେ ବୋଲି ଅନୁମେୟ କରିହୁଏ ।ଏସମସ୍ତ ସମସ୍ୟା ନେଇ ଭାଜପା ପକ୍ଷରୁ ମହାବିଦ୍ୟାଳୟ ଘେରାଉ କରାଯିବା ସହ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦେଢ କୋଟି ଟଙ୍କା ଅନୁଦାନ ଆସିଲାକି ବୋଲି ପଚାରିଥିଲେ । ୩୦ ପ୍ରତିଶତ ଅର୍ଥାତ ୪୫ ଲକ୍ଷ ଟଙ୍କା ଦେଲେ ଆମକୁ ଘୋଷିତ ଅନୁଦାନ ମିଳିବ । ତାହା ଚିଠିରେ ରହିଛି । ଅନୁଦାନ ଆସିନାହିଁ ଟଙ୍କା କିଭଳି ଦେବୁ ବୋଲି ଅଧ୍ୟକ୍ଷ ପ୍ରଶ୍ନ କରିଛନ୍ତି । ବଳକା ଜମିକୁ କଲେଜ ନାମରେ ପଟ୍ଟା କରାଯିବା ପାଇଁ ଜିଲାପାଳ ଓ ଉପଜିଲାପାଳଙ୍କୁ ଦର୍ଶାଯାଇଛି । ବର୍ତ୍ତମାନର ବିଧାୟକ ଓ ଏମପିଙ୍କ ପାଣ୍ଠିରୁ ଅନୁଦାନ ମିଳିଛି କି ପଚାରିବାରୁ ଟଙ୍କାଟିଏ ଅନୁଦାନ ମିଳିନାହିଁ ବୋଲି କହିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପରିବର୍ତ୍ତେ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଉନ୍ନୟନ କାର୍ଯ୍ୟ ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲି । ବିଧାୟକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଅନୁଦାନ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦେଲେ ସେହି କ୍ଷେତ୍ରରେ କିଛି କରାଯାଇ ପାରିବ ନାହିଁ ବୋଲି ରୋକଠୋକ ଭାବେ ଜଣାଇଥିଲେ। ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ସମ୍ପାଦକ ମୃତ୍ୟୁଞ୍ଜୟ ମହାରଣା ଗୌରୀ ମାଝୀ, ବୁଲୁ ତ୍ରିପାଠୀ, ସିମାଞ୍ଚଳ ପାତ୍ର, ସରୋଜ ବେହେରା, ଅରୁଣ ପୂଜାରୀ, ମିଡିଆ ସଂଯୋଜକ ସଂଜୀବ ନନ୍ଦ, ଆଇନଜୀବୀ କେ. ଚନ୍ଦ୍ର ଶେଖର ରାଓ, ଅନିଲ ଗନ୍ତାୟତ ସୁମିତ ପାତ୍ର, ସନ୍ତୋଷ ପାଢୀ, ଏମ. ପ୍ରଶାନ୍ତ, ଦେବାଶିଷ ମହାନ୍ତୁଡ, ବି. ସାଇ କୁମାର , ଶିବ ମହାପାତ୍ର, ଶ୍ରୀଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୬୦ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ପ୍ରଦାନ

ନବରଙ୍ଗପୁର,୨୭।୨(ବି.ପ୍ର.)

ନବରଙ୍ଗପୁର ପୌରାଞ୍ଚଳର ୭ ନମ୍ବର ୱାର୍ଡ ଦଶହରାପଦା ସାହିର ୬୦ ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସିଲିଣ୍ଡର, ଚୁଲା ପ୍ରଦାନ କରାଯାଇଛି । ନବରଙ୍ଗପୁର ଭଣ୍ଡରଘରଣୀ ଗ୍ୟାସ ଏଜେନ୍ସିର ତତ୍ତ୍ୱାବଧାନରେ ଆୟୋଜିତ ଏହି ବିତରଣ କାର୍ଯ୍ୟକ୍ରମରେ ଗୌରି ମାଝୀ, ସପନ ତ୍ରିପାଠୀ, ଶ୍ରୀଧର ପାତ୍ର, ଅରୁଣ ପୂଜାରୀ, ବୁଲା ତ୍ରିପାଠୀ, ଜିଲା ଯୁବମୋର୍ଚ୍ଚା ସଭାପତି କାହ୍ନୁ ଦାଶ, ମିଡିଆ ସଂଯୋଜକ ସଞ୍ଜୀବ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।




# ଓଡ଼ିଶା କୃଷକ ସଭାର ପଦଯାତ୍ରା

ଡାବୁଗାଁ ,୨୭।୨ (ଡି.ଏନ.ଏ.)



କୃଷକ ସଭା ପକ୍ଷରୁ ବାହାରିଥିବା ପଦଯାତ୍ରା ।

ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ନୂଆଗୁଡା ଗ୍ରାମର ସନୁ ମାଝୀ ଛକଠାରେ ଓଡିଶା କୃଷକ ସଭା ନବରଙ୍ଗପୁର ଜିଲା କମିଟି ତରଫରୁ ପଦଯାତ୍ରା ବୁଧବାର ଆରମ୍ଭ ହୋଇଛି। ଏଥିରେ ଜଙ୍ଗଲ ଅଧିକାର ଆଇନର ଠିକ କାର୍ଯ୍ୟକରି ଓ ୯ ଟି ଦାବୀ ପୂରଣ,ମାନବିକତା ବିହୀନ ଆଦିବାସୀ ବିରୋଧୀ ସୁପ୍ରିମକୋର୍ଟ ରାୟକୁ ବାତିଲ ନିମନ୍ତେ ଏକ ପଦଯାତ୍ରା କରାଯାଇଛି । ଏହି ପଦଯାତ୍ରା ଗୁରୁବାର ନବରଙ୍ଗପୁର ଜିଲା ସଦର ମହକୁମାଠାରେ ପହଞ୍ଚି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବ । ଏଥିରେ ଓଡିଶା କୃଷକ ସଭା ଜିଲା ଆବାହକ ରାଜେଶ ଜାନୀଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଆଦିବାସୀ ଯୋଗ ଦେଇଛନ୍ତି ।

## ନୂତନ ଅତିରିକ୍ତ ଜିଲାପାଳଙ୍କ ଯୋଗଦାନ

ନବରଙ୍ଗପୁର,୨୭।୨(ବି.ପ୍ର.)

ନବରଙ୍ଗପୁର ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀଙ୍କ ବଦଳି ପରେ ତାଙ୍କ ସ୍ଥାନରେ ନିମାଇଁ ଚରଣ ସୂତାର ବୁଧବାର ଯୋଗ ଦେଇଛନ୍ତି । ଏନେଇ ସେଠୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ରାଜସ୍ୱ ଅମଲା ସଂଘ ଓ କାର୍ଯ୍ୟାଳୟର କର୍ମଚାରୀମାନେ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି । ସେହିଭଳି ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ତାଙ୍କର ସମନ୍ୱୟ ରହିଥିବାରୁ ଅନେକକାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇ ପାରୁ ଥିଲା ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଚନ୍ଦାହାଣ୍ଡି, ୨୭।୨ (ଡି.ଏନ୍.ଏ.)



ସଭାରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବୁଧବାର ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏବଂ ଏମ୍‌ପି ବଳଭଦ୍ର ମାଝି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ଲକ ସଭାପତି ଗୌରହରି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଏମ୍‌ପି ପ୍ରଥମେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଦୁଇକୋଟି ନବେଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମାଲଗାଁ ଆଶ୍ରମ ବିଦ୍ୟାଳୟ ଗୃହ, ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଏବଂ ଛାତ୍ରାବାସ ଉଦ୍‌ଘାଟନ କରିଥିଲେ । ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜମାଦାରପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନୂତନ ଶ୍ରେଣୀଗୃହର ଉଦ୍‌ଘାଟନ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ନିର୍ମାଣ ହେବାକୁ ଥିବା ନୂତନ ଛାତ୍ରାବାସର ଭିତ୍ତିପ୍ରସ୍ତର କରିଥିଲେ । କନ୍ଦିଓଡା ଛକଠାରୁ ଜମାଦାରପଡା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ୧୪ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ରାସ୍ତାକୁ ମନ୍ତ୍ରୀ ଓ ଏମ୍‌ପି ଭିତ୍ତିପ୍ରସ୍ତର କରିଥିଲେ । ଏହାପରେ ଜମାଦାରପଡା ପଞ୍ଚାୟତର ଭାଲୁଡଙ୍ଗରୀ ଗ୍ରାମରେ ଏକ ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମନ୍ତ୍ରୀ ଓ ଏମପି ଯୋଗଦେଇଥିଲେ। ଚନ୍ଦାହାଣ୍ଡି ବ୍ଲକର ପିଇବା ପାଣିର ସୁବିଧା ନିମନ୍ତେ ୨୦୦ କୋଟି ଟଙ୍କା ବ୍ୟୟରେ ଏକ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ସହ ଚାଷୀଙ୍କ ଚାଷ ଜମିକୁ ପାଣି ପାଇଁ ବିଭିନ୍ନ ନଳୀରେ ଚେକ୍ ଡ୍ୟାମ୍ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ମନ୍ତ୍ରୀ ପ୍ରତିନିଧି ରୁଷୁ ବାଘ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ପାରୀ, ଯୁବ ବିଜେଡି ଜିଲା ଉପସଭାପତି ପ୍ରକାଶ ମାଝି, ପଛୁଆ ବର୍ଗ ଜିଲାସଭାପତି କାର୍ତ୍ତିକ ବାଘ, ପୂର୍ବତନ ଉପାଧ୍ୟକ୍ଷ ଜଗନ୍ନାଥ ସିହ୍ନା, ବ୍ଲକ ଯୁବ ବିଜେଡି ସଭାପତି ତ୍ରିନାଥ ଦାଶ, ବ୍ଲକ ସମ୍ପାଦକ ଯୁବରାଜ ଜଗତ, ଜିଲା ଯୁବ ସମ୍ପାଦକ ବଳରାମ ପଟ୍ଟନାୟକ, ଗମ୍ଭୀର ଚୌହାନ, ମୋତିଲାଲ ସାହୁ, ସମିତି ସଭ୍ୟ ନିଳମଣି ଗୌଡ଼, ପୂର୍ବତନ ସମ୍ପାଦକ ଭୁବନେଶ୍ୱର ବେଶ୍ରା, ଘେନୁ ସାହୁ, ବିଜେଡି ନେତା ଡମ୍ବରୁଧର ପାତ୍ର, ସୁରୀ ନାୟକ, ଭୁପେନ୍ଦ୍ର ଗାଉଁଟିଆ, ଏସ୍‌ଡିଓ ଦିନେଶ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ଶରତ କୁମାର ମାଝି, ଅଶୋକ କୁମାର ରାଉତ, ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା, ସୁରେନ୍ଦ୍ର ନାଥ ପାଢ଼ୀ, ଶିକ୍ଷକ ରଶ୍ମିତାରାଣୀ ସୁନାନୀ, ଭାନୁମତି ମହାରଣା, ବିଶ୍ୱମ୍ଭର ନାୟକ, ଲିପିକା ସାହୁ, ଲକ୍ଷ୍ମୀଚନ୍ଦ୍ର ସାହୁ, ରୂପସିଂ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।






## ସଂକ୍ଷେପରେ



### ଯୁବ ପ୍ରଶିକ୍ଷଣ ଶିବିର

**ମାଲକାନଗିରି,୨୭।୨ (ଡି.ଏନ୍.ଏ.):** ମାଲକାନଗିରି ସଦର ମହକୁମାଠାରେ ଯୁବ ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଥିବା ତିନିଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି ଯୋଗ ଦେଇଥିଲେ। ଜିଲାର ୫ଟି ବ୍ଲକରୁ ଆସିଥିବା ୫୦ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ନିଜ ଭବିଷ୍ୟତ ଗଢିବାରେ ଯୁବବର୍ଗଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ମତ ରଖିଥିଲେ। କିଶୋର ପାଟିକା ଓ ଜ୍ୟୋତିରଂଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଦର୍ଶନ ନାୟକ ପରିଚାଳନା କରିଥିଲେ।

### କାଲିମେଳାରେ ନୂତନ ଥାନା ଅଧିକାରୀ

**କାଲିମେଳା,୨୭।୨(ଡି.ଏନ.ଏ):** କାଲିମେଳା ଥାନାରେ ଚନ୍ଦ୍ର ଶେଖର ଶବର ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ସେ ପୂର୍ବରୁ କୋରାପୁଟ ଜିଲା ନନ୍ଦପୁର ଥାନାରେ କାର୍ଯ୍ୟ କରୁଥିଲେ । ଏଠାରେ କାଲିମେଳା ଥାନା ଅଧିକାରୀ ଥିବା ଅଜିତ କୁମାର ସ୍ୱାଇଁଙ୍କ ଅନ୍ୟତ୍ର ବଦଳି ହୋଇଛି। ଆଗକୁ ନିର୍ବାଚନ ଥିବାରୁ ଶାନ୍ତିଶୃଙ୍ଖଳାର ସହ ନିରପେକ୍ଷ ଏବଂ ଅବାଧମୁକ୍ତ ନିର୍ବାଚନ ପରିଚାଳନା ମୋର ପ୍ରଥମ ପ୍ରାଥମିକତା ହେବ ବୋଲି ଶବର କହିଛନ୍ତି।

### ମାଣ୍ଡିଆ ମଣ୍ଡିରୁ ସୁଫଳ ପାଇଲେନି ଚାଷୀ

**ଚିତ୍ରକୋଣ୍ଡା,୨୭।୨(ଡି.ଏନ.ଏ.):** ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ମାଣ୍ଡିଆ ସଂଗ୍ରହରେ ସମସ୍ୟା ସୃଷ୍ଟି ହୋଇଛି। ୧୮ଟି ପଞ୍ଚାୟତ ମଧ୍ୟରୁ ଦୋରାଗୁଡା, ବଡପଦର, ପପୁଲୁର,ଚିତ୍ରକୋଣ୍ଡା ଓ ବଡପଡାଠାରେ ସରକାରଙ୍କ ପକ୍ଷରୁ ମାଣ୍ଡିଆ ମଣ୍ଡି ଖୋଲା କରାଯାଇଛି। ମାତ୍ର ମଣ୍ଡି ସମ୍ପର୍କରେ ଚାଷୀଙ୍କୁ ଠିକ୍ ରୂପେ ଅବଗତ କରା ନ ଯିବାରୁ ଚାଷୀମାନେ ନିଜ ମାଣ୍ଡିଆକୁ ବାହାର ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିଦେଇଥିଲେ। ସରକାରୀ ମାଣ୍ଡି କିଲୋ ପିଛା ୨୯ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ଚାଷୀମାନେ ବାହାର ବ୍ୟବସାୟୀଙ୍କୁ କିଲୋ ପିଛା ୧୬ରୁ ୨୦ ଟଙ୍କା ମଧ୍ୟରେ ବିକ୍ରି କରି କ୍ଷତି ସହିଥିଲେ। କେତେକ ସ୍ଥାନରେ ଏ ପର୍ଯ୍ୟନ୍ତ ମାଣ୍ଡିଆ ଅମଳ ହୋଇ ଖଳାରେ ରହିଛି। ଚିତ୍ରକୋଣ୍ଡା ଅଞ୍ଚଳରେ ଚଳିତବର୍ଷ ନୂଆ କରି ମାଣ୍ଡିଆ ମଣ୍ଡି ଖୋଲିଛି। ଏସମ୍ପର୍କରେ ପ୍ରଚାରପ୍ରସାର କରାଯାଇଥିଲେ ଚାଷୀ ଉପକୃତ ହୋଇଥାନ୍ତେ ବୋଲି ମତ ପ୍ରକାଶ ପାଉଛି।

### ମଦ ଜବତ: ମହିଳା ଗିରଫ

**ପାରଳାଖେମୁଣ୍ଡି, ୨୭।୨(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପକ୍ଷରୁ ପାଟ୍ରୋଲିଂବେଳେ ଜଣେ ମହିଳାଙ୍କଠାରୁ ୪୦ଟି ଚୋରା ଦେଶୀମଦ ପ୍ୟାକେଟ ଜବତ କରିଛି ପୋଲିସ। ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ପାରଳାଖେମୁଣ୍ଡି ଜାଗିଲିସାହି ବାସିନ୍ଦା ଏମ୍.ସରୋଜିନୀ (୫୦)। ଏ ନେଇ କେସ୍ ନଂ. ୫୪/୧୯ ରୁଜୁ କରାଯାଇଛି।

## ଶିଖପାଲିରେ ବିଜେଡିର ଜନସମାବେଶ

# ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

- କାଳିଆ ଯୋଜନାରୁ ଲାଭ ପାଉଛନ୍ତି କୃଷକ
- ଜିଲାରେ ରେଳପଥ ନିର୍ମାଣ ପାଇଁ ଅଗ୍ରାଧିକାର
- ଶହୀଦ ଯବାନଙ୍କୁ ମନେ ପକାଇଲେ

**ମାଲକାନଗିରି,୨୭।୨(ଡି.ଏନ.ଏ.)**

ମାଲକାନଗିରି ଜିଲା ଶିଖପାଲି ପଞ୍ଚାୟତ ସଦର ମହକୁମାଠାରେ ଜିଲା ବିଜୁ ଜନତା ଦଳ କୃଷକ ସେଲ ପକ୍ଷରୁ ବୁଧବାର ବୃହତ ଉଠାଜଳସେଚନ ପ୍ରକଳ୍ପ ଘୋଷଣା କରାଯାଇଛି। ଏନେଇ ଆୟୋଜିତ ଜନସମାବେଶରେ ବିଧାୟକ ମାନସ ମାଡ଼କାମି ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଅରବିନ୍ଦ ଢ଼ାଲି, ଅଭିନେତ୍ରୀ ପିଙ୍କି ପ୍ରିୟଦର୍ଶନୀ, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାୱା, ଜିଲା ପରିଷଦ ସଭାପତି ଦହନା ଟାଙ୍ଗୁଲୁ, ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ନିଲିଗୁଡ଼ା ସରପଞ୍ଚ ବୁଦ୍ରା କାର୍ତାମୀ, ଶିଖପାଲି ସରପଞ୍ଚ ମୁକେ ପଡ଼ିଆମି, ମାଟାପାଙ୍କା ସରପଞ୍ଚ ବିନାୟକ ମାଡ଼କାମି, ତଣ୍ଡାପାଲି ସରପଞ୍ଚ ନନ୍ଦ କୁମାର ଆଜମେରା, ମାଟେରୁ ସରପଞ୍ଚ ଜାଗି ମାଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ପୁଲୱାମା ଆକ୍ରମଣରେ ଶହୀଦ ଯବାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମନ୍ତ୍ରୀ ବେହେରା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲାର ଉନ୍ନତି ଲାଗି ସର୍ବଦା ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର କୃଷକମାନଙ୍କ ପାଇଁ କାଳିଆ ଯୋଜନା ଲାଗୁ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମସ୍ତ କୃଷକ ଲାଭ ପାଉଛନ୍ତି। ରାଜ୍ୟର ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଆରମ୍ଭ କରି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ବୃଦ୍ଧି ସହ ମାଲକାନଗିରି ଜିଲାରେ ରେଳପଥ ନିର୍ମାଣ ପାଇଁ ସରକାର ଅଗ୍ରାଧିକାର ଦେଉଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗଗୁଡ଼ିକୁ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବେହେରା କହିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଆପଣଙ୍କ ଅଞ୍ଚଳରେ ଜିତାଇବାକୁ ସେ ଆହ୍ୱାନ ଦେଇଥିଲେ । ଅତୀତରେ ଗୁରୁପ୍ରିୟା ସେତୁ, ମାଲକାନଗିରିଠାରେ ୭ ମହଲାବିଶିଷ୍ଟ ମୁଖ୍ୟ ଚିକିତ୍ସାଳୟ କୋଠା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ଆଦର୍ଶ ବିଦ୍ୟାଳୟ ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାକୁ ବିଚାରକୁ ନେଇ ଆଗାମୀ ସାଧାରଣ ନିର୍ବାଚନରେ ଉକ୍ତ ଅଞ୍ଚଳରେ ବିଜେଡିର ପ୍ରାର୍ଥୀ ଜିତିବାର ଆବଶ୍ୟକତା ରହିଛି ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ଜିଲା କୃଷକ ସଭାପତି ସୁବାସ ବାନାର୍ଜୀ ସ୍ୱାଗତ ସୂଚନା ଦେଇଥିଲେ। ପ୍ରଭାକର ପ୍ରଧାନ, ଗଣେଶ ମଣ୍ଡଳ, ପ୍ରୀତପାଲ ସିଂ, ସର୍ବ କୁମାର ବିଶୋୟୀ, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ଇର୍ମା ପଡିଆମି, ଇ. କ୍ରିଷ୍ଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଗୋରାଖଣ୍ଟା ସରପଞ୍ଚ ତଥା କାର୍ଯ୍ୟକ୍ରମର ଆବାହକ ଏରା ପଡ଼ିଆମି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଅଭିଯୋଗ ଆଣିଲେ ପରୀକ୍ଷାର୍ଥୀ

# ପରୀକ୍ଷା ସମୟରେ କେନ୍ଦ୍ରରେ ମାନସିକ ନିର୍ଯାତନା ମିଳୁଛି

**ମାଲକାନଗିରି,୨୭।୨(ଡି.ଏନ.ଏ.)**

କୋରୁକୋଣ୍ଡା ଶିବାନନ୍ଦ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଦେଉଥିବା ମାଲକାନଗିରି ଜିଲା ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟର ୧୫ରୁ ଊର୍ଦ୍ଧ୍ୱ ଛାତ୍ର ପରୀକ୍ଷାକେନ୍ଦ୍ରରେ ସେମାନଙ୍କୁ ମାନସିକ ନିର୍ଯାତନା ମିଳୁଥିବା ଅଭିଯୋଗ କରିଛନ୍ତି। କୃଷ୍ଣ ବିଶ୍ୱାସ, ବିପ୍ରଜିତ ସରକାର, ରଞ୍ଜନ ବାଘ, ମାନସ ଖମାରି, ପିଣ୍ଟୁ କୁଳଦୀପ, ଅଜୟ କୁମାର କର, ରବି ମୁଦୁଲି, ତୋଫାନ ନାଗ, ରାହୁଲ ସିଆଲି, ଚିରଞ୍ଜୀବୀ ପାପୁଲୁ, ସିଦ୍ଧାର୍ଥ ହନ୍ତାଳ, ସହଦେବ ସୁନାନୀ, ଅମିତ କୁମାର ବାଘ ପ୍ରମୁଖ ଛାତ୍ରମାନେ ଏହି ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଯେ, ପରୀକ୍ଷା କେନ୍ଦ୍ରର ପରୀକ୍ଷକ ପରୀକ୍ଷା ଆରମ୍ଭରୁ ସେମାନଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ୟୁନିଫର୍ମରେ ଟାଏ ପିନ୍ଧିଥିବା ଛାତ୍ରମାନଙ୍କ ବେକ ଟାଣି ଜବରଦସ୍ତ ଟାଏ କାଢି ଦେଉଛନ୍ତି। ପରୀକ୍ଷା କେନ୍ଦ୍ରକୁ ଟଙ୍କା ଓ ବାଇକ ଚାବି ନେବାକୁ ବାରଣ କରୁଛନ୍ତି। ଅଧିକ ଚୁଟି ଥିଲେ କାହିଁକି ଚୁଟି ରଖିଛ, ଚୁଟି ନ କାଟିଲେ ପରୀକ୍ଷା ଦେଇ ପାରିବ ନାହିଁ। ଏକ୍ସରେଗୁଲାର ପରୀକ୍ଷାର୍ଥୀ ୟୁନିଫର୍ମରେ ନ ଥିଲେ ସେମାନଙ୍କୁ ବିଭିନ୍ନ କଥା କହି ଅଧଘଣ୍ଟା ଛିଡା କରାଇ ଦେଉଛନ୍ତି। ଏପରିକି କପି ଚେକ୍ କରିବା ବାହାନାରେ ପିଲାମାନଙ୍କୁ ଚେକିଂ କରି ବହୁତ ସମୟ ନଷ୍ଟ କରୁଛନ୍ତି। ପରୀକ୍ଷା ସମୟରେ ଏପରି ବାରମ୍ବାର ଚେକିଂ କରି ପରୀକ୍ଷକ ଆମର ସମୟ ନଷ୍ଟ କରୁଥିବା ଛାତ୍ରମାନେ ଅଭିଯୋଗରେ କହିଛନ୍ତି। ଏହାର ତୁରନ୍ତ ବିଚାର ପାଇଁ ବୁଧବାର ଏହି ଛାତ୍ରମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରଶ୍ନପତ୍ର ଭାଇରାଲ ହେବା ପରେ ବୋର୍ଡ ନିର୍ଦ୍ଦେଶରେ ପ୍ରତି ପରୀକ୍ଷାକେନ୍ଦ୍ରରେ କଡାକଡି ପଦକ୍ଷେପ ନିଆଯାଇଛି। ପ୍ରତି କେନ୍ଦ୍ରରେ ଜଣେ ଲେଖାଏ ଜିଲାପାଳଙ୍କ ପ୍ରତିନିଧି ରୂପେ ଜଣେ ଲେଖାଏ ମାଜିଷ୍ଟ୍ରେଟ୍ ରହୁଛନ୍ତି। ସମ୍ପୃକ୍ତ ଛାତ୍ରମାନେ ଆବଶ୍ୟକସ୍ଥଳେ ତାଙ୍କୁ ଜଣାଇପାରିଥାନ୍ତେ। ତେବେ ଅଭିଯୋଗର ଅନୁଧ୍ୟାନ କରି ମୁଁ ପଦକ୍ଷେପ ନେବି ବୋଲି ସେଠୀ କହିଛନ୍ତି।

## ନାବାଳିକା ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ

**ମାଲକାନଗିରି, ୨୭।୨(ଡି.ଏନ.ଏ.)**



ମାଲକାନଗିରି ଅତିରିକ୍ତ ଜିଲା ଜଜ୍ ପ୍ରଜ୍ଞା ନଳିନୀ ମିଶ୍ର ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଦେଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏହା ଅନାଦେୟ ହେଲେ ଆଉ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି ଏମ୍.ଭି.– ୭୯ ଥାନା ଅନ୍ତର୍ଗତ ଏମ୍.ଭି. ୭୨ ଗ୍ରାମର ଦୀନବନ୍ଧୁ ମଜୁମଦାର (୨୨) ଗତ ୧।୯।୨୦୧୬ରେ ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ପୂଜା ଚାଲିଥିଲା। ସନ୍ଧ୍ୟାରେ ଦୀନବନ୍ଧୁ ଜଣେ ୮ ବର୍ଷର ନାବାଳିକାଙ୍କୁ ଘର ପଛପଟକୁ ଡାକି ନେଇ ବଳାତ୍କାର କରିଥିଲେ।ଏନେଇ ପରିବାର ଲୋକେ ଏମ୍.ଭି.– ୭୯ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲାର ତଦନ୍ତ କରି କେସ୍ ନଂ. ୨/୨୦୧୬ରେ ମାମଲା ରୁଜୁ କରି ଦୀନବନ୍ଧୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ସମସ୍ତ ସାକ୍ଷପ୍ରମାଣକୁ ଭିତ୍ତିକରି ବୁଧବାର ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ଆଇନଜୀବୀ ଲମ୍ବୋଦର ତୁରୁକ ପରିଚାଳନା କରୁଥିଲେ।








ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### କପିକରି ଧରାପଡ଼ିଲେ ୧୦ ପରୀକ୍ଷାର୍ଥୀ

କୋରାପୁଟ,୨୭।୨(ସ୍ୱ.ପ୍ର.): କୋରାପୁଟ ଜିଲାରେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ବୁଧବାର ତୃତୀୟ ଦିନରେ ଅନୁଷ୍ଠିତ ହିନ୍ଦୀ ପରୀକ୍ଷାରେ କପିକରି ୧୦ ଜଣ ପରୀକ୍ଷାର୍ଥୀ ଜିଲା ସ୍କ୍ୱାଡ୍ ଦ୍ୱାରା ଧରାପଡ଼ିଛନ୍ତି। ଜିଲାର ଲମତାପୁଟ ବ୍ଲକ ଅଧୀନ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ ପରୀକ୍ଷାର୍ଥୀ ଓ ଲମତାପୁଟ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୬ ଜଣ ପରୀକ୍ଷାର୍ଥୀ କପି କରିବା ସମୟରେ ଧରାପଡ଼ିଛନ୍ତି। ବୁଧବାର ହିନ୍ଦୀ ପରୀକ୍ଷାରେ ଜିଲାର ୬ ହଜାର ୧୧୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ ହଜାର ୯୬୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୪୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ସୁବାଇ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ କପି କରି ୩ ଜଣ ଏବଂ ଦ୍ୱିତୀୟ ଦିନରେ ବୈପାରୀଗୁଡ଼ାର ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ଜଣ ଧରାପଡ଼ିଥିଲେ।

### ଦାୟିତ୍ୱ ନେଲେ ନୂତନ ଆରସିସିଏଫ୍



କୋରାପୁଟ,୨୭।୨(ସ୍ୱ.ପ୍ର.): କୋରାପୁଟର ନୂତନ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ଭାବେ ସୁଦିପ୍ତ ଦାସ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ସେ ରାୟଗଡ଼ା ଛକସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ନିଜର ଦାୟିତ୍ୱ ନେବା ସହ ଜିଲାରେ ବନ ସଂରକ୍ଷଣ ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱରଠାରେ ବନବିଭାଗ କ୍ୟାମ୍ପରେ ସିଏଫ୍ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ କୋରାପୁଟର ନୂତନ ଆରସିସିଏଫ୍ ଭାବେ ବଦଳି କରାଯାଇଥିଲା। ଏହି ଅବସରରେ କୋରାପୁଟ ଡିଏଫ୍ଓ ପି. ପୂର୍ଣ୍ଣିମାଙ୍କ ସହ ଏସିଏଫ୍ ଓ ରେଞ୍ଜରମାନେ ଉପସ୍ଥିତ ରହି ନୂତନ ଆରସିସିଏଫ୍ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଭାଗବତ ମେଳାରେ ଶହୀଦଙ୍କୁ ସମ୍ମାନ

ମାଲକାନଗିରି,୨୭।୨ (ଡି.ଏନ୍.ଏ.): ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ଏମ୍.ଭି.- ୮୪ ଗ୍ରାମ ଠାରେ ଏକ ଭାଗବତ ପ୍ରଚାର ମେଳା ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନରୁ ଆସିଥିବା ସନ୍ଥ ମହାରାଜ ଭାଗବତ ପ୍ରବଚନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଆତଙ୍କବାଦୀଙ୍କ ଦ୍ୱାରା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ୧ ହଜାର ଦୀପ ଦାନ କରାଯାଇଥିଲା। ପରେ ଭାଗବତ ଗୀତି କଥା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ଯୋଗ ଦେଇଥିଲେ। ଅଶୋକ ବୈଦ୍ୟ, ସଞ୍ଜୟ ଢାଲି ପରିଚାଳନା କରିଥିଲେ।



■ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ୨ ଦିନିଆ ଅର୍ଥନୈତିକ ଅବରୋଧ

# ୮୬ ଦିନରେ ପହଞ୍ଚିଲା ଆନ୍ଦୋଳନ



ଜୟପୁରରେ ପୌରପାଳିକା ଅଫିସ ବନ୍ଦ କରୁଛନ୍ତି ଆଇନଜୀବୀ।



କୋରାପୁଟ କୋର୍ଟ ସମ୍ମୁଖରେ ଆର୍ ଆସୋସିଏଶନର ଧାରଣା।

ଜୟପୁର/କୋରାପୁଟ, ୨୭।୨(ନି.ପ୍ର./ଡି.ଏନ୍.ଏ./ସ୍ୱ.ପ୍ର.)

ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ବୁଧବାରଠାରୁ ୨ ଦିନିଆ ଅର୍ଥନୈତିକ ଅବରୋଧ କରିଛି। ଯାନବାହାନ ଚଳାଚଳ ସ୍ୱାଭାବିକ ଥିବାବେଳେ ସ୍କୁଲ କଲେଜ ଖୋଲା ରହିଛି। ପୂର୍ବାହ୍ନରେ ଜୟପୁର ଜିଲା ଓକିଲ ସଂଘର ସଦସ୍ୟମାନେ ବିଭିନ୍ନ ଦଳ ହୋଇ ସହରରେ ଥିବା ତହସିଲ, ଉପଜିଲାପାଳ, ପୌରସଂସ୍ଥା, ଆୟକର କାର୍ଯ୍ୟାଳୟ, ଜୀବନ ବୀମା, ବ୍ୟାଙ୍କ, ଘରୋଇ ଫାଇନାନ୍ସ କମ୍ପାନି ବନ୍ଦ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଏହି ଅର୍ଥନୈତିକ ଅବରୋଧ କରାଯାଇଥିବା ଉପସଭାପତି ଶରତ ମାଝି କହିଛନ୍ତି। ଅବରୋଧରେ ଜିଲା ସଂଘ ସଭାପତି ବୀରେଶ ପଟ୍ଟନାୟକ, ସଂପାଦକ ରବୀନ୍ଦ୍ର ପାତ୍ର, ସହ ସମ୍ପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, ପ୍ରଶାନ୍ତ ତ୍ରିପାଠୀ, ସରୋଜ ଦାଶ, ଦେବାଶିଷ ମହାନ୍ତି, ସୁଧୀର ପାଢ଼ୀ, ସତ୍ୟନାରାୟଣ ଆଚାରୀ, ମୀନକେତନ ପରିଚ୍ଛା ଯୋଗ ଦେଇଥିଲେ। ଓକିଲଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ଡିସେମ୍ବର ୪ରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ଏହା ୮୬ ଦିନରେ ପହଞ୍ଚିଛି। ୨୮ ତାରିଖରେ ପୁଣି କ୍ରିୟାନୁଷ୍ଠାନ କମିଟିର ବୈଠକ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ କହିଛି। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜୟପୁରରେ ଥିବା ୧୫ରୁ ଅଧିକ କୋର୍ଟ ବନ୍ଦ ରହିଛି।

ସେହିପରି ସ୍ଥାନୀୟ ଆଇନଜୀବୀମାନେ କୋରାପୁଟରେ ମଧ୍ୟ ବନ୍ଦ ସଫଳ କରିଛନ୍ତି। କୋରାପୁଟ ବାର ଆସୋସିଏସନ ସଭାପତି ସୁଦର୍ଶନ ଗୌଡ଼ଙ୍କ ଆହ୍ୱାନକ୍ରମେ କରାଯାଇଥିବା ଏହି ବନ୍ଦରେ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବନ୍ଦ ଯୋଗୁ କୋରାପୁଟ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଏଟିଏମ୍ ବନ୍ଦ ରହିଥିଲା। ବନ୍ଦରେ ଆସୋସିଏସନ ଉପସଭାପତି ଚନ୍ଦ୍ରଶେଖର ତ୍ରିପାଠୀ, ସମ୍ପାଦକ ସୁନିଲ ଜେନାଙ୍କ ସମେତ ସମସ୍ତ ଆଇନଜୀବୀ ସାମିଲ ଥିଲେ।

## କୋରାପୁଟ ରଣା, ମାଳୀଙ୍କୁ ଜନଜାତି ମାନ୍ୟତା

■ ବିଚାର ବିମର୍ଶ କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର,୨୭।୨(ବ୍ୟୁରୋ)

କୋରାପୁଟ ଜିଲାରେ ବସବାସ କରୁଥିବା ରଣା, ମାଳୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସଚିବାଳୟରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଡୋଶୀ ଆନ୍ଧ୍ରରେ ରହୁଥିବା ରଣା ଏବଂ ମାଳୀ ସମ୍ପ୍ରଦାୟର ଲୋକଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯାଇ ସାରିଛି। ତେଣୁ ଅନୁରୂପ ଭାବେ ଓଡ଼ିଶାରେ ଏହା କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଭାରତ ସରକାରଙ୍କ ଅନୁମତି ଦରକାର। ଏହା ପୂର୍ବରୁ ରାଜ୍ୟ ସରକାରଙ୍କୁ ଉପଯୁକ୍ତ ତଥ୍ୟ ସହ ସୁପାରିସ କରିବାକୁ ପଡିବ। ତେଣୁ ଏହି ଦୁଇ ସମ୍ପ୍ରଦାୟ ସମ୍ପର୍କରେ ରାଜ୍ୟ ସରକାର ବ୍ୟାପକ ଅଧ୍ୟୟନ ଏବଂ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି।

ଉଭୟ ସମ୍ପ୍ରଦାୟର ଭାଷା, ଚାଲିଚଳନ, ସଂସ୍କୃତି, ପ୍ରଥା, ଧର୍ମ ଏବଂ ବୈବାହିକ ସମ୍ପର୍କରେ ପଡୋଶୀ ଆନ୍ଧ୍ର ଜନଜାତିଙ୍କ ସହ ସାମଞ୍ଜସ୍ୟ ଇତ୍ୟାଦିକୁ ଅନୁଶୀଳନ କରାଯିବ। ଅନୁଶୀଳନରୁ ପ୍ରାପ୍ତ ତଥ୍ୟକୁ ସମ୍ବଳିତ କରିବା ରାଜ୍ୟ ସରକାର ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟତୀତ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ବରିଷ୍ଠ ଅଧିକାରୀ ନିକୁଞ୍ଜ ଧଳ ଓ ଅଖିଳ ବିହାରୀ ଓତା ଏବଂ ରଣା, ମାଳୀ ସମାଜର କେତେକ ପ୍ରତିନିଧି ଯୋଗ ଦେଇଥିଲେ।

## ବାଣୀପ୍ରସାଦ ଚୌଧୁରୀ କୋରାପୁଟ ସିଡିଏମ୍ଓ

କୋରାପୁଟ,୨୭।୨(ସ୍ୱ.ପ୍ର.)

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୫ ଜଣ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଦୋନ୍ନତି କ୍ରମରେ ସିନିୟର ଆଡମିନିଷ୍ଟ୍ରେଟିଭ ଗ୍ରେଡ୍ (ଡାଇରେକ୍ଟର) ପଦବୀକୁ ଉନ୍ନୀତ କରାଯାଇଛି। ଏହି କ୍ରମରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ବଦଳି ହୋଇଛି। ବର୍ତ୍ତମାନ କୋରାପୁଟରେ ଅବସ୍ଥାପିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲଳିତ ମୋହନ ରଥଙ୍କୁ ପଦୋନ୍ନତି କ୍ରମରେ ଭୁବନେଶ୍ୱର ସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ସଂସ୍ଥାନର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବାଣୀପ୍ରସାଦ ଚୌଧୁରୀ କୋରାପୁଟ ସିଡିଏମ୍ଓ ଭାବେ ଦାୟିତ୍ୱ ନେବେ। ଏନେଇ ୨୭ ତାରିଖ ବୁଧବାର ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଆଶା, ଗ୍ରାମକଲ୍ୟାଣ ସମିତି ସମ୍ମିଳନୀ

■ ଶ୍ରେଷ୍ଠ ଗ୍ରାମ୍ୟ କଲ୍ୟାଣ ସମିତି, ଆଶାକର୍ମୀ ପୁରସ୍କୃତ

କୋରାପୁଟ,୨୭।୨(ସ୍ୱ.ପ୍ର.)

କୋରାପୁଟ ଟାଉନ ହଲ୍‌ରେ ଜିଲାସ୍ତରୀୟ ଆଶା ଓ ଗ୍ରାମ କଲ୍ୟାଣ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଜିଲାରେ ଚାଲିଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଆଶା ଓ ଗ୍ରାମକଲ୍ୟାଣ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ୨୦୧୮-୧୯ ବର୍ଷ ପାଇଁ ଜିଲାର ଶ୍ରେଷ୍ଠ ଗ୍ରାମ୍ୟ କଲ୍ୟାଣ ସମିତି ଭାବେ ମହିପୁଟ ପଞ୍ଚାୟତର ହିରିଡିପୁଟ ଓ ଶ୍ରେଷ୍ଠ ଆଶାକର୍ମୀ ଭାବେ ପଦ୍ମପୁର ପଞ୍ଚାୟତର ପରଜାଲିମକା ଗ୍ରାମର ସୁନିତା ମୁଦୁଲି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍ଓ ଡାକ୍ତର ଲଳିତ ମୋହନ ରଥ, ପୂର୍ବତନ ବିଧାୟକ ରଘୁରାମ ପଡାଲ, କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ମାଥାଲପୁଟ ସିଏଚ୍‌ସିର ଡାକ୍ତର ବିଶ୍ୱରଞ୍ଜନ ଭୂୟାଁ, କୋରାପୁଟ ସିଡିପିଓ ସୁଷମା ମହାପାତ୍ର, ଡୁମୁରିପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହରି ପ୍ରସାଦ ପାଣିଗ୍ରାହୀ ଉପସ୍ଥିତ ଥିଲେ।



ଆଶା, ଗ୍ରାମକଲ୍ୟାଣ ସମିତି ସମ୍ମିଳନୀରେ ଅତିଥିମାନେ ଶ୍ରେଷ୍ଠ ଆଶାକର୍ମୀ ସୁନିତା ମୁଦୁଲିଙ୍କୁ ପୁରସ୍କୃତ କରୁଛନ୍ତି।

## କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରମାନଙ୍କୁ ଅତିଥି ପ୍ରମାଣପତ୍ର ଦେଉଛନ୍ତି।

ଦାମନଯୋଡ଼ି,୨୭।୨(ସ୍ୱ.ପ୍ର.)

ଦିଲ୍ଲୀ ପବ୍ଲିକ ସ୍କୁଲରେ ୧୩ରୁ ଆରମ୍ଭ ହୋଇଥିବା ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷକ ଭାବେ ଅସିତ ପଟ୍ଟନାୟକ, ସରୋଜ ମହାରଣା, ଚିରଞ୍ଜୀବୀ କରଣ, ରଞ୍ଜିତ ବାରିକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ରୀଡ଼ା ତାଲିମ ଦେଇଥିଲେ। ଏଥିରେ କ୍ରିକେଟ୍‌ରେ ୧୮ ଜଣ, ଫୁଟବଲରେ ୫୨ ଜଣ, ବାସ୍କେଟବଲ୍‌ରେ ୨୫ ଜଣ, ଟେବୁଲ ଟେନିସ୍‌ରେ ୩୨ ଜଣ ଶିବିରାର୍ଥୀ ଭାଗ ନେଇଥିଲେ। ଡିପିଏସ୍ ଅଧ୍ୟକ୍ଷା ଦ୍ୱିପାନ୍ୱିତ ଦାସ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ସୁଜାତା ପାଣି ସମୀକ୍ଷା ରିପୋର୍ଟ ପାଠ କରିଥିଲେ। ଶିବିରରେ ଯୋଗ ଦେଇଥିବା ପ୍ରକୃତି ପଟ୍ଟନାୟକ ଓ ଭବ୍ୟ କର ନିଜ ଅନୁଭୂତି ବଖାଣିଥିବା ବେଳେ ଅଭିଭାବକ ଭାବେ ଏନ୍. ରବିକୁମାର ଓ ଟି.ଏନ୍. ସାହୁ ମତ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ, ମହାପ୍ରବନ୍ଧକ ରାଜୀବ ମିଶ୍ର, ରମେଶ ଚନ୍ଦ୍ର ଯୋଶୀ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନିତା ମିଶାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଅଞ୍ଜନା ମହାପାତ୍ର, ନବକିଶୋର ପଣ୍ଡାଙ୍କ ସହ ଉପେନ୍ଦ୍ର ମିଶ୍ର, ପ୍ରଶାନ୍ତ ନାୟକ, ଉଦୟନାଥ ଗୌଡ଼, ଅନୁପମା ଦାସ, ଗୀତାଞ୍ଜଳି ରଥ, ଏସ୍.କେ. ମୀରାଜନ୍, ଦୀପଶିଖା ମହାରଣା ଉଦ୍‌ଯାପନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର

ଡାବୁଗାଁ,୨୭।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ସ୍ୱାଇଲ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଗୋପାଳନ ବିଷୟରେ ଆତ୍ମ ନିଯୁକ୍ତି ନିମନ୍ତେ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନାରାୟଣ ବେହେରା ଯୋଗ ଦେଇ ଚାଷୀ ମାନଙ୍କୁ ଶଙ୍କର ଜାତୀୟ ଗୋ- ପାଳନ ଉପକାରିତା ଓ କୃତ୍ରିମ ପ୍ରଜନନ ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଜିଲା ଦୁଗ୍ଧ ସମ୍ପ୍ରସାରଣ ଅଧିକାରୀ ସତ୍ୟ ନାରାୟଣ ମହାରଣା ଗୋପାଳକ ମାନଙ୍କୁ ସବୁଜ ଘାସ ଚାଷ ଦ୍ୱାରା କିପରି ଭାବେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଯାଇପାରିବ ସେ ବିଷୟରେ ଅବଗତ କରାଇଥିଲେ। ଏହି ତାଲିମ ଶିବିରକୁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଧୂତ ଶେଖର ମିଶ୍ର ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସାରସ୍ୱତ ସାହୁ ପରିଚାଳନା କରିଥିଲେ।

## କେସିସି ବ୍ୟାଙ୍କ ଉଦ୍‌ଘାଟିତ

କୋଷାଗୁମୁଡା, ୨୭।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡାଠାରେ ସ୍ଥାନୀୟ ଲ୍ୟାମ୍ପସ ଆନୁକୂଲ୍ୟରେ କେସିସି ବ୍ୟାଙ୍କ ଉଦଘାଟିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେସିସି ବ୍ୟାଙ୍କ ଅଧ୍ୟକ୍ଷା ଇନ୍ଦିରା ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିସି ବ୍ୟାଙ୍କ ସମ୍ପାଦକ ଅନନ୍ତ କୁମାର ସାମଲ, ଡିଜିଏମ ପଦ୍ମନାଭ ମହାପାତ୍ର, ଏଡିଜିଏମ ବିନୋଦ କୁମାର ଷଡଙ୍ଗୀ, ପାପଡାହାଣ୍ଡି ଶାଖା ପରିଚାଳକ ଉମାକାନ୍ତ ସାହୁ, କୋଡିଙ୍ଗା ଲ୍ୟାମ୍ପସ ସଭାପତି ଗୋବର୍ଦ୍ଧନ ଭତ୍ରା, କୋଷାଗୁମୁଡା ଲ୍ୟାମ୍ପସ ସଭାପତି ଦେବରାଜ ନାୟକ, କୋଡିଙ୍ଗା ଶାଖା ପରିଚାଳକ ସୁଶାନ୍ତ କୁମାର ଖୋରା, କୋଷାଗୁମୁଡା ଶାଖା ପରିଚାଳକ ଏମ.ଏଙ୍କେଟରାଓ, ଡାଇରେକ୍ଟର ଯୋଗେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ବକ୍ସି, ମହେଶ୍ୱର ଭଣ୍ଡାରୀ, ମଧୁ ଭତ୍ରା, ପ୍ରଭୁନାଥ ଶୁକଦେବ, କମଳା ଭତ୍ରା, ଡାଇରେକ୍ଟର ପ୍ରମୁଖ ଯୋଗ ଦେଇଥିଲାବେଳେ ନୂତନ ବ୍ୟାଙ୍କର ବିଏମ ଦାଶରଥି ପାଢି, ଆକାଉଟାଣ୍ଟ ଭବାନୀ ଶଙ୍କର ପରିଚ୍ଛା ଯୋଗ ଦେଇଥିଲେ।



କେସିସି ବ୍ୟାଙ୍କ ଅଧ୍ୟକ୍ଷା ଇନ୍ଦିରା ନନ୍ଦ ଉଦ୍‌ଘାଟନ କରୁଛନ୍ତି।

## ଆଦିବାସୀ ହଷ୍ଟେଲକୁ ୨ ମାସ ହେଲା ପାଣି ବନ୍ଦ

କୋଲାବନଗର,୨୭।୨(ଡି.ଏନ୍.ଏ.)

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ କୋଲାବନଗର ସ୍ଥିତ ୧୦୦ ଶଯ୍ୟାବିଶିଷ୍ଟ ଅନୁସୂଚିତ ଜାତି ଓ ଜନଜାତି ଝିଅମାନଙ୍କ ପାଇଁ ୨ମହଲା ବିଶିଷ୍ଟ ହଷ୍ଟେଲ ୨୦୧୪ରୁ କାର୍ଯ୍ୟକାରୀ ହେଉଛି। ଏହି ହଷ୍ଟେଲରେ ବର୍ତ୍ତମାନ ୭୦ ଜଣ ଅନୁସୂଚିତ ଜାତି ଓ ଜନଜାତି ଝିଅ ରହି ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟରେ ପାଠ ପଢୁଛନ୍ତି। ପରିତାପର ବିଷୟ ଯେ ୨ ମାସରୁ ଅଧିକ ଦିନ ହେଲା ହଷ୍ଟେଲକୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫଳରେ ୭୦ ଜଣ ଅନ୍ତେବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ୨୫୦ ମିଟର ଦୂରରେ ଥିବା ଏକ ବୋରୱେଲରୁ ପାଣି ସେମାନଙ୍କୁ ଯୋଗାଇ ଦିଆଯାଉଥିଲା। କିନ୍ତୁ ସେଥିରେ ଥିବା ମୋଟର ପମ୍ପ ପୋଡ଼ିଯିବାରୁ ପାଣି ଯୋଗାଣ ବ୍ୟାହତ ହୋଇଛି। ତାହାର ମରାମତି ପାଇଁ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଜିଲା ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଉ ନାହିଁ। ହଷ୍ଟେଲ ପରିସରରେ ଗୋଟିଏ ନଳକୂପ ରହିଛି ଯେଉଁଥିରୁ ଆଇରନ୍ ଓ ଫ୍ଲୋରାଇଡ୍ ଯୁକ୍ତ ପାଣି ବାହାରୁଛି। ଆଦିବାସୀ ହଷ୍ଟେଲ ପରିଚାଳନା ପାଇଁ ଜିଲାରେ କାର୍ଯ୍ୟ କରୁଥିବା ବିଭାଗ ଏ ଦିଗରେ ନିରବଦ୍ରଷ୍ଟା ସାଜିଛି। ଯଥାଶୀଘ୍ର ସମସ୍ୟାର ସମାଧାନ କରାନଗଲେ ଅଭିଭାବକମାନେ ପିଲାଙ୍କୁ ହଷ୍ଟେଲରୁ ନେଇଯିବେ ବୋଲି କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



କୋଲାବନଗରସ୍ଥିତ ଆଦିବାସୀ ଛାତ୍ରୀନିବାସ।

## ୮ ମାସ ହେଲା ଅନ୍ଧାରରେ ପାତ୍ରବାଗ୍ରୀ ଗାଁ

ଦଶମନ୍ତପୁର,୨୭।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ ପାତ୍ରବାଗ୍ରୀ ଗାଁଲୋକେ ୮ ମାସ ହେଲା ଅନ୍ଧାରରେ ଦିନ କାଟୁଛନ୍ତି। ଗାଁରେ ୩୫ ପରିବାର ରୁହନ୍ତି। ୮ ମାସ ତଳେ ସ୍ଥାନୀୟ ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ସେବେଠାରୁ ଗାଁ ଅନ୍ଧାରରେ ଥିଲେ ମଧ୍ୟ ଲୋକଙ୍କ ପାଖକୁ ବିଦ୍ୟୁତ ବିଲ୍ ଆସୁଛି। ଲାଇନ୍‌ମ୍ୟାନ୍‌ଙ୍କଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଓ ଏସ୍‌ଡିଓଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳ ମିଳୁନି। ତେଣୁ ଆମେ ବିଲ୍ ପଇଠ କରିବା ବନ୍ଦ କରିଦେଇଛୁ ବୋଲି ଗ୍ରାମର ନିରଞ୍ଜନ ଗଉଡ଼, ଖଗ ଗଉଡ଼, ଥବିର ଗଉଡ଼, ଅଭିମନ୍ୟୁ ନାୟକ, ତ୍ରିଲୋଚନ ଗଉଡ଼, ଲଛମନ ଗଉଡ଼ କହିଛନ୍ତି। ଟ୍ରାନ୍ସଫର୍ମର ମରାମତି ନ କରିବା ଯାଏଁ ଆମେ ବିଦ୍ୟୁତ ବିଲ୍ ଦେବୁନାହିଁ ଏବଂ ବିଭାଗୀୟ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଲାଇନ୍‌ମ୍ୟାନ୍ ଗୋପୀନାଥ ଖଟେଇ କହିଛନ୍ତି, ଗାଁଲୋକଙ୍କ ପୁରୁଣା ବିଲ୍ ଅଧିକ ରହିଯାଇଛି। ତାହା ପଇଠ ହେଲେ ତୁରନ୍ତ ବିଦ୍ୟୁତ ବ୍ୟବସ୍ଥା ସଜାଡ଼ି ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।



ପାତ୍ରବାଗ୍ରୀ ଗ୍ରାମବାସୀ ବିଦ୍ୟୁତ୍ ବିଲ୍ ଦେଖାଉଛନ୍ତି।

■ ଟ୍ରାନ୍ସଫର୍ମର ଅଚଳ, ବିଜୁଳି ନଥାଇ ଆସୁଛି ବିଲ୍

■ ଆନ୍ଦୋଳନ ଚେତାବନୀ ଦେଲେ ଗାଁଲୋକ

| Dollar | Sensex | Nifty | Gold | Silver |
|---|---|---|---|---|
| 71.24 (17) | 35,905.43 (68.28) | 10,806.65 (28.65) | 34,650.00 (₹120) | 41,475.00 (₹70) |

"ବିମୁଦ୍ରୀକରଣ ଯୋଗୁ ଅର୍ଥନୀତିକୁ ଗଭୀର କ୍ଷତି ପହଞ୍ଚିଛି।"

–ଅମର୍ତ୍ତ୍ୟ ସେନ, ନୋବେଲ ବିଜେତା, ଅର୍ଥନୀତିଜ୍ଞ



"ଲୋକଙ୍କ ନିକଟରେ ସୁଲଭ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଲାଗି ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି।"

– ଅନୁପ୍ରିୟା ପଟେଲ, କେନ୍ଦ୍ର ସ୍ୱାସ୍ଥ୍ୟରାଷ୍ଟ୍ର ମନ୍ତ୍ରୀ



## ସଂକ୍ଷେପରେ

### ମାର୍ଚ୍ଚ ପହିଲାରୁ ଇ-ରିଫଣ୍ଡ ଦେବ ଆୟକର ବିଭାଗ

ନୂଆଦିଲ୍ଲୀ,୨୭-୨: ଆସନ୍ତା ମାର୍ଚ୍ଚ ପହିଲାରୁ ଆୟକର ବିଭାଗ ଟିକସଦାତାଙ୍କୁ ଇ-ରିଫଣ୍ଡ ମାଧ୍ୟମରେ ସେମାନଙ୍କର ରିଫଣ୍ଡ ଦେବେ। ତେବେ ପ୍ୟାନ୍ ସହ ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏଥିପାଇଁ ଲିଙ୍କ କରିବାକୁ ହେବ ଏବଂ ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲରେ ବ୍ୟାଙ୍କ ଆକାଉଣ୍ଟକୁ ପୂର୍ବରୁ ପଞ୍ଜୀକୃତ କରିବାକୁ ହେବ। ଏହି ସର୍ତ୍ତ ପୂରଣ ହେବା ପରେ ହିଁ ଟିକସଦାତାଙ୍କୁ ସେମାନଙ୍କ ରିଫଣ୍ଡ ମିଳିବ। ତାହା ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା ହେବ। ଆଜି ଯାଏ ବ୍ୟାଙ୍କ ଆକାଉଣ୍ଟକୁ ପ୍ୟାନ୍ ସହ ସଂଯୋଗ କରାଯାଇ ନ ଥିଲେ ଟିକସଦାତା ତୁରନ୍ତ ଏ ସମ୍ପର୍କରେ ବ୍ୟାଙ୍କ ସହ ଯୋଗାଯୋଗ କରି ନେବା ଉଚିତ୍। ଯଦି ଟିକସଦାତାଙ୍କ ବ୍ୟାଙ୍କ ଇ-ଫାଇଲିଂ ପୋର୍ଟାଲ ସହ ଜଡିତ ଥିଲେ, ତେବେ ଇଭିସି(ଇଲେକ୍ଟ୍ରୋନିକ ଭେରିଫିକେଶନ କୋଡ୍) ଏବଂ ନେଟ୍ ବ୍ୟାଙ୍କିଙ୍ଗ ରୁଟ୍ ଜରିଆରେ ପ୍ରିଭାଲିଡେଶନ କରାଯାଇପାରିବ।

### ୩୬ ପ୍ରକାର ଔଷଧର ମୂଲ୍ୟ ନିର୍ଦ୍ଧାରିତ

ନୂଆଦିଲ୍ଲୀ,୨୭-୨: ରାଷ୍ଟ୍ରୀୟ ଔଷଧ ମୂଲ୍ୟ ନିର୍ଦ୍ଧାରକ ଏନ୍‌ପିପିଏ କ୍ୟାନସର, ମଧୁମେହ, ସଂକ୍ରମଣ, ଶ୍ୱାସ, ଯନ୍ତ୍ରଣା ସମେତ ଅନ୍ୟ ରୋଗର ଚିକିତ୍ସାରେ ବ୍ୟବହୃତ ହେଉଥିବା ୩୬ ପ୍ରକାର ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିଛି। ଏକ ଅଧିସୂଚନା ଜାରି କରି ରାଷ୍ଟ୍ରୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ(ଏନ୍‌ପିପିଏ) କହିଛି ଯେ, ଏହା ୨୨ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିଛି ତଥା ୧୪ ପ୍ରକାର ଔଷଧର ଉଚ୍ଚ ମୂଲ୍ୟରେ ସଂଶୋଧନ କରିଛି। ସଂଶୋଧିତ ମୂଲ୍ୟର ଔଷଧ ମଧ୍ୟରେ ବୁଡେସୋନାଇଡ ଇନହେଲେଶନ ଏବଂ ଜେଣ୍ଟାମାଇସିନ ଇଞ୍ଜେକଶନ ସାମିଲ ରହିଛି।

ଅନିର୍ବାଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।

# ଟିଟିଇ ନିକଟକୁ ଦୌଡ଼ିବାକୁ ପଡ଼ିବନି

# ଏବେ ଅନ୍‌ଲାଇନରେ ରିଜର୍ଭେଶନ ଚାର୍ଟ

ନୂଆଦିଲ୍ଲୀ,୨୭-୨

ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଭାରତୀୟ ରେଲୱେ ଆଣିଛି ଏକ ନୂଆ ବ୍ୟବସ୍ଥା। ଏଣିକି ରେଳ ଯାତ୍ରୀମାନେ ଏୟାରଲାଇନ୍ସ କମ୍ପାନୀ ଢାଞ୍ଚାରେ ଅନ୍‌ଲାଇନରେ ରିଜର୍ଭେଶନ ଚାର୍ଟ ଦେଖିପାରିବେ। ଏଣିକି ଟ୍ରେନରେ ଚାର୍ଟ ତିଆରି ହେବା ପରେ ସିଟ୍ ପାଇବା ଲାଗି ଟିଟିଇଙ୍କୁ ଗୁହାରି କରିବାକୁ ପଡ଼ିବ ନାହିଁ। ଯାତ୍ରୀଙ୍କ ସୁବିଧା ଲାଗି ରେଲୱେ ପକ୍ଷରୁ ଇଣ୍ଡିଆନ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ (ଆଇଆର୍‌ସିଟିସି) ୱେବସାଇଟରେ ଦୁଇଥର ଚାର୍ଟ ଜାରି କରାଯିବ।

ରେଳମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର କହିଛନ୍ତି ଯେ, ଏଣିକି ରିଜର୍ଭେଶନ ଚାର୍ଟ ଅନ୍‌ଲାଇନରେ ଉପଲବ୍ଧ ହେବ।



ଏହାଦ୍ୱାରା ଚାର୍ଟ ତିଆରି ପରେ ସମ୍ପୃକ୍ତ ଟ୍ରେନରେ କେତୋଟି ସିଟ୍ ଖାଲି ରହିଛି, ତାହା ଯାତ୍ରୀ ସହଜରେ ଜାଣିପାରିବେ। ଶେଷ ମୁହୂର୍ତ୍ତରେ ଯାତ୍ରା କରିବାକୁ ଉଦ୍ୟମ କରୁଥିବା ଯାତ୍ରୀଙ୍କ ପାଇଁ ଏହା ସୁବିଧାଜନକ ହେବ ବୋଲି ସେ କହିଛନ୍ତି। ରେଳ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ଯେ, ଟ୍ରେନ ଛାଡ଼ିବାର ୪ ଘଣ୍ଟା ପୂର୍ବରୁ ଏବଂ ଅଧଘଣ୍ଟା ପୂର୍ବରୁ ଚାର୍ଟ ଜାରି କରାଯିବ। ଏହି ଚାର୍ଟ ଟ୍ରେନ ଛାଡ଼ିବାକୁ ଥିବା ଷ୍ଟେଶନରୁ ଜାରି ହେବ। ମଧ୍ୟବର୍ତ୍ତୀ ଷ୍ଟେଶନ ପାଇଁ ସୂଚନା ମିଳିବ ନାହିଁ। ଏହି ଚାର୍ଟ ଜରିଆରେ ପ୍ରତ୍ୟେକ କୋଚ୍‌ରେ ରହିଥିବା ଖାଲି ସିଟ୍ ସମ୍ପର୍କରେ ଜାଣି ହେବ। ସୂଚନାଥାଉ କି, ରେଲୱେର ନୂଆ ବ୍ୟବସ୍ଥା ଅନୁଯାୟୀ ଆଇଆରସିଟିସି ୱେବ୍‌ସାଇଟରେ ଟ୍ରେନର କୋଚ୍ ଓ ବର୍ଥର ଷ୍ଟାଟସ ଦେଖିହେବ। ରେଲୱେ ପକ୍ଷରୁ କୁହାଯାଇଛି ଯେ, ଅନ୍‌ଲାଇନ ରିଜର୍ଭେଶନ ଚାର୍ଟ ସୁବିଧା ରେଳ ନେଟ୍‌ୱାର୍କର ସମସ୍ତ ଟ୍ରେନ ପାଇଁ ଉପଲବ୍ଧ ହେବ। ଟ୍ରେନର ଯାତ୍ରା ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଷ୍ଟେଶନରେ ଖାଲି ଥିବା ବର୍ଥ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଆଇଆରସିଟିସି ୱେବ୍‌ସାଇଟରେ ଉପଲବ୍ଧ ହେବ। ଏହି ସୁବିଧା ଉଭୟ ମୋବାଇଲ ଓ ୱେବ ପୋର୍ଟାଲରେ ମିଳିବ। ରେଳମନ୍ତ୍ରୀ ଗୋୟଲ କହିଛନ୍ତି ଯେ, ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ। ଖାଲି ସିଟ୍ ସମ୍ପର୍କରେ ପୂର୍ବରୁ ସୂଚନା ପାଇବା ପରେ ଜଣେ ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିଟିଇଙ୍କ ଜରିଆରେ ଏହାକୁ ବୁକ୍ କରିପାରିବେ। ଏହାପରେ ଟିଟିଇ ସିଟ୍ ଦେବାକୁ ମନା କରିପାରିବେ ନାହିଁ। ଉଲ୍ଲେଖ କରାଯାଇପାରେ ଯେ, ଜଣେ ଯାତ୍ରୀଙ୍କୁ ଆଇଆର୍‌ସିଟିସି ୱେବ୍‌ସାଇଟ ଅଥବା ମୋବାଇଲ ଆପ୍ ଖୋଲିବାକୁ ହେବ। ସେଠାରେ ଉପଲବ୍ଧ ଚାର୍ଟ/ଭ୍ୟାକେନ୍ସି ଅପ୍ସନରେ କ୍ଲିକ୍ କରିବା ପରେ ଯାତ୍ରୀ ଟ୍ରେନ ନମ୍ବର, ଯାତ୍ରା ତିଥି ଓ ଷ୍ଟେଶନ ନାମ ଉଲ୍ଲେଖ କରିବେ। ଏହାପରେ ଯାତ୍ରୀଙ୍କୁ କୋଚ୍ ଓ ଶ୍ରେଣୀ ଅନୁସାରେ ଉପଲବ୍ଧ ସିଟ୍ ସମ୍ପର୍କରେ ସୂଚନା ମିଳିଯିବ। ସମ୍ପୂର୍ଣ୍ଣ ଯାତ୍ରା, ଅଧା ଯାତ୍ରା ଲାଗି ହୋଇଥିବା ଟିକେଟ ବୁକ୍ ଓ ଖାଲି ସିଟ୍ ସଂଖ୍ୟା ଜଣାପଡିବ। ବର୍ଥ/ସିଟ୍ କୋଚ୍‌ର କେଉଁ ଆଡେ ହେବ, ଏହି ସୁବିଧା ମଧ୍ୟ ନୂଆ ବ୍ୟବସ୍ଥାରେ ଉପଲବ୍ଧ ହେବ।

# କ୍ଲାସିକ ଲିଜେଣ୍ଡ ଜାୱାର ନୂଆ ଡିଲରଶିପ



ଭୁବନେଶ୍ୱର,୨୭-୨(ବ୍ୟୁରୋ)

କ୍ଲାସିକ ଲିଜେଣ୍ଡ୍‌ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ପାହାଲଠାରେ ନୂଆ ଡିଲରଶିପ ଶୁଭାରମ୍ଭ ହୋଇଛି। ଏହା ରାଜ୍ୟରେ କମ୍ପାନୀର ପ୍ରଥମ ଡିଲରଶିପ ହୋଇଥିବା ବେଳେ ବିଜୟା ମୋଟର୍ସଠାରେ ଅବସ୍ଥିତ। ଡିଲରଶିପକୁ ବିଜୟା ମୋଟର୍ସର ସ୍ୱତ୍ତ୍ୱାଧିକାରୀ ବାବୁଲା ନାୟକ,କମ୍ପାନୀର ଅଧିକାରୀ ସିବାଙ୍ଗ ସିନ୍ଧୁ ଏବଂ ସଞ୍ଜୀବ ଠାକୁର ଉନ୍ମୋଚନ କରିଥିଲେ। କମ୍ପାନୀ ୧୦୦ ଡିଲରଶିପ ଖୋଲିବାକୁ ଲକ୍ଷ୍ୟ ରଖିଛି। ଭୁବନେଶ୍ୱରରେ ଏହି ନୂଆ ଫାସିଲିଟି ସହ ଡିଲରଶିପ ସଂଖ୍ୟା ୫୯ରେ ପହଞ୍ଚିଛି। ଭୁବନେଶ୍ୱରରେ ନୂଆ ଡିଲରଶିପ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ସିଇଓ ଆଶିସ ଜୋଶୀ ସୂଚନା ଦେଇଛନ୍ତି। କମ୍ପାନୀର ବାଇକଗୁଡ଼ିକୁ ଭଲ ରେସପନ୍ସ ମିଳୁଥିବା ବେଳେ ଏହି ଧାରା ବଜାୟ ରଖିବାକୁ ସକ୍ଷମ ହେବା ନେଇ ଆଶାବାଦୀ ବୋଲି ଜୋଶୀ କହିଛନ୍ତି। ଏହା ୨ ନୂଆ ବ୍ରାଣ୍ଡ ଜାୱା ଏବଂ ଜାୱା ୪୨ ବଜାରକୁ ଆଣିଛି। ଏହି ଦୁଇ ବାଇକର ବଜାର ଦର ଯଥାକ୍ରମେ ୧.୬୭ ଏବଂ ୧.୫୮ ଲକ୍ଷ ଟଙ୍କା ରହିଛି। ସେହିଭଳି ଡୁଆଲ ଚ୍ୟାନେଲ ଏବିଏସ୍ ଭାରିଆଣ୍ଟ ମୂଲ୍ୟ ଯଥାକ୍ରମେ ୧.୭୫ ଏବଂ ୧.୬୬ ଲକ୍ଷ ଟଙ୍କା ରହିଥିବା କମ୍ପାନୀ ସୂଚନା ଦେଇଛି।

# କ୍ରୀଡ଼ା ବିଭାଗକୁ ଏଲ୍‌ଜି ଦେଲା ୪୦ ୱାଟର ପ୍ୟୁରିଫାୟର

ଭୁବନେଶ୍ୱର,୨୭-୨(ବ୍ୟୁରୋ)

ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପକ୍ଷରୁ ରାଜ୍ୟ କ୍ରୀଡା ବିଭାଗକୁ ୪୦ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ ପ୍ରବଲ ସକ୍ସେନା କ୍ରିଡା ବିଭାଗର ଅତିରିକ୍ତ ସଚିବ ବେଦବନ୍ଧୁ ମିଶ୍ର, ଯୁଗ୍ମ ସଚିବ ମନୋଜ ପାଢୀଙ୍କୁ ଏହା ହସ୍ତାନ୍ତର କରିଛନ୍ତି। ଚଳିତ ବର୍ଷ ହକି ୱାର୍ଲଡ କପ୍ ସମୟରେ ବିଭାଗକୁ ୱାଟର ପ୍ୟୁରିଫାୟାର ପ୍ରଦାନ ନେଇ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ୱାଟର ପ୍ୟୁରିଫାୟରଗୁଡ଼ିକ ରାଜ୍ୟର ୧୬ କ୍ରିଡା ହଷ୍ଟେଲ, କଟକସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମ, ୪ ହକି ଷ୍ଟାଡିୟମ, ଭୁବନେଶ୍ୱରର ବ୍ୟାଡମିଟନ ଏକାଡେମିକୁ ପ୍ରଦାନ କରାଯିବ ବୋଲି ପ୍ରବଲ ସକ୍ସେନା କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏଲ୍‌ଜିର ଶାଖା ପ୍ରବନ୍ଧକ ମନିଷ ସିଂଘଲ, ସମାଜସେବୀ ରିଷଭ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



# ଷ୍ଟାଇଲ ସ୍ପା ପକ୍ଷରୁ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୭-୨(ବ୍ୟୁରୋ)

STYLESPA Live Smart

ଷ୍ଟାଇଲ ସ୍ପା ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଅଫ୍ ଏଣ୍ଡ ଅଫ୍ ସିଜନ ସେଲ୍‌ରେ ୬୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫରର ଲାଭ ଗ୍ରାହକମାନେ ମାର୍ଚ୍ଚ ପହିଲା ଯାଏ ନେଇ ପାରିବେ। ସାରା ଦେଶରେ କମ୍ପାନୀ ଏହାର ୯୦ରୁ ଅଧିକ ନିଜସ୍ୱ ଆଉଟଲେଟରେ ପ୍ରଡକ୍ଟ ଯୋଗାଉଛି। ୟୁରୋପିଆନ ଟେକ୍ନୋଲୋଜିରେ ଅନ୍ତର୍ଜାତୀୟ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ପ୍ରଦାନ ଦିଗରେ ଏହା କାର୍ଯ୍ୟ କରୁଛି। ଏହା ମେକ୍ ହୋମ ଫର୍ନିଚର, ମଡ୍ୟୁଲାର କିଚେନ, ଅଫିସ ଫର୍ନିଚର, ଇଣ୍ଟେରିଅର ସଲ୍ୟୁଶନ ପ୍ରଡକ୍ଟ ଉପଲବ୍ଧ କରାଉଛି। କଟକ,ଭୁବନେଶ୍ୱର,ପୁରୀ ଏବଂ ଯାଜପୁର ଗ୍ରାହଙ୍କ ଲାଗି ବଜାଜ୍ ଫାଇନାନ୍ସ କାର୍ଡ ଉପରେ ଆକର୍ଷକ ୦% ଡାଉନ୍‌ପେମେଣ୍ଟ ଏବଂ ୦% ସୁଧ ଭଳି ସୁବିଧା କରାଯାଇଛି। ରାଜ୍ୟରେ ସମ୍ବଲପୁର ଗୋଲବଜାର ଏବଂ ଅନୁଗୋଳର ତୁରଙ୍ଗଠାରେ କମ୍ପାନୀ ଏହାର ନୂଆ ଶୋ'ରୁମ ମଧ୍ୟ ସ୍ଥାପନ କରିଛି। ସୋଫା, ବେଡ୍, ଡାଇନିଂ ବର୍ଗରେ ନୂଆ ପ୍ରଡକ୍ଟ ଏହା ବଜାରକୁ ଆଣିଥିବା କମ୍ପାନୀର ଏରିଆ ସେଲ୍‌ସ ମ୍ୟାନେଜର ଇନ୍ଦ୍ରଜୀତ ମହାନ୍ତି ସୂଚନା ଦେଇଛନ୍ତି।

# ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ ଆଣିଲା ନୂଆ ପ୍ଲାନ

ଭୁବନେଶ୍ୱର,୨୭-୨(ବ୍ୟୁରୋ)

ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡ(ଏବିସିଏଲ୍)ର ଅଂଶବିଶେଷ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ(ଏବିଏସ୍‌ଏଲ୍‌ଆଇ) ନୂଆ 'ମନ୍ଥଲି ଇନ୍‌କମ୍ ପ୍ଲାନ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ଚିଫ୍ ଆକ୍ଚୁରିଆଲ ଅଫିସର ଅନୀଲ କୁମାର ସିଂ ଏହାର ଉନ୍ମୋଚନ କରିଥିଲେ। ଭବିଷ୍ୟତର ଆର୍ଥିକ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି ଏକ ପ୍ଲାନର ପରିକଳ୍ପନା କରାଯାଇଥିବା ସିଂ ସୂଚନା ଦେଇଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: CPC, 1st Floor, Corporate Building, OPTCL, Janpath, Bhubaneswar-751 022. Tel: 0674- 2541801, Fax 0674-2542964
CIN: U40102OR2004SGC007553
OPTCL Lifeline of Odisha

INVITATION FOR BIDS
(International Competitive Bidding)

Date: 28.02.2019, Loan Agreement No.: (ID-P245), IFB No.: CPC/JICA/ICB/01/18-19
Reference Identification No.: OPTCL/JICA/PKG-I

1. The Government of India (herein after referred to as borrower) and Odisha Power Transmission Corporation Limited (OPTCL) (herein after referred to as executing agency) has received an ODA loan from Japan International Cooperation Agency (JICA) (formerly JBIC), in the amount of JPY 21,787 Million Japanese Yen, equivalent to approximately USD 182 Million, or approximately Rs.1,1467 Million towards the cost of Odisha Power Transmission System Improvement Project. It is intended that part of the proceeds of this loan will be applied to eligible payments under the Contract for 10 nos. of packages- 'Design, Supply and Installation of Sub-Stations (S/S) & Transmission Lines (T/L) viz; Pkg-1: Dhenkanal (New) S/S, Pkg-2: Dhenkanal (New) T/L, Bhadrak New T/L, Kuakhia T/L, Pkg-3: Bhadrak (New) S/S Pkg-3A: Kuakhia S/S, Pkg-4: Turumanga S/S and T/L and Chandipur S/S and T/L, Pkg-5: Gunupur S/S and T/L, Bahugram S/S and T/L, Pkg-5A: Govindpalli S/S and T/L, Pkg-6: Gondia S/S and T/L and Rajnagar S/S and T/L, Pkg-7: Kiakata S/S and T/L, Dasapala S/S and T/L and Pkg-8: Deogarh S/S and T/L, Lakhanpur S/S and T/L, Lephripada S/S and T/L and Thuapalli S/S and T/L'. Disbursement of an ODA Loan by JICA will be subject, in all respects, to the terms and conditions of the Loan Agreement, including the disbursement procedures and the "Guidelines for Procurement under JICA ODA Loans". No Party other than Government of India and OPTCL shall derive any rights from the Loan Agreement or have any claim to loan proceeds.
The above Loan Agreement will cover major part of the project cost. As for the remaining portion, Government of India and OPTCL will take appropriate measures for finance.
2. Bidding will be conducted through procedures in accordance with the applicable Guidelines for Procurement under Japanese ODA Loans, and is open to all Bidders from eligible source countries, as defined in the Loan Agreement.
3. The OPTCL now invites sealed Bids from eligible Bidders for the construction and completion of (Design, Supply and Installation of Sub-Stations & Transmission Lines for Procurement of 220/132KV Dhenkanal, S/S (Outdoor GIS) in Odisha State of India under Package-1 ("the Facilities"). International Competitive Bidding will be conducted in accordance with JICA's Single-Stage Two Envelop Bidding Procedure.
4. Eligible Bidders may obtain further information from and inspect the Bidding Documents at the office given below;
C.G.M. (Elect.), CPC, Floor/Room number: 1st Floor, Corporate Building, OPTCL Street Address: Janpath, Bhubaneswar, Odisha. INDIA, ZIP Code: 751 022. Tel: 0674-2541801, Fax 0674-2542964, E-mail: sgm.cpc@optcl.co.in/ jica@optcl.co.in
5. A complete set of the Bidding Documents may be purchased by interested Bidders on the submission of a written application to the address above and upon payment of a non-refundable fee of Rs.22,400.00 inclusive of GST @ 12% or 307.36USD or 34745JPY by way of demand draft issued in favour of OPTCL, payable at Bhubaneswar, Odisha, India.
6. Bids must be delivered to the address above on or before 1:00 PM on dated 5th April, 2019 and must be accompanied by a Bid security INR 23 Milion or JPY 36 Milion or USD 0.32 Milion.
7. Bids will be opened in the presence of Bidders' representatives who choose to attend at (3:30 PM on dated 5th April, 2019) at the office of the C.G.M. (Elect.), CPC, 1st Floor Conference Hall, Corporate Building, OPTCL, Street Address: Janpath, Bhubaneswar, Odisha. India, ZIP Code: 751 022, Tel.: 0674-2541801, Fax: 0674-2542964, E-mail: sgm.cpc@optcl.co.in/jica@optcl.co.in.

Sd/-
Chief General Manager (Elect.)
CR Advt. No. 85/2018-19
Please connect us: optcl.odisha optcl_odisha energyodisha

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2540051, (EPABX), Website: www.optcl.co.in, CIN:U4102OR2004SGC007553
OPTCL Lifeline of Odisha

INVITATION FOR BIDS
(International Competitive Bidding)

Date: 28.02.2019 Loan Agreement No: ID-P245
IFB No: CPC/JICA/ICB/02/18-19
Reference Identification No: OPTCL/JICA/AKG-2

1. The Government of India (here in after referred to as borrower) and Odisha Power Transmission Corporation Limited (OPTCL) (here in after referred to as executing agency) has received an ODA loan from Japan International Cooperation Agency (JICA) (formerly JBIC), in the amount of JPY 21,787 Million Japanese Yen, equivalent to approximately USD 182 Million, or approximately ₹ 1,1467 Million towards the cost of Odisha Power Transmission System Improvement Project. It is intended that part of the proceeds of this loan will be applied to eligible payments under the Contract for 09 nos. of packages - 'Design, Supply and Installation of Sub-Stations (S/S) & Transmission Lines (T/L) viz; Pkg-1: Dhenkanal (New) S/S, Pkg-2: Dhenkanal (New) T/L, Bhadrak New T/L, Kuakhia T/L, Pkg-3: Bhadrak (New) S/S & Kuakhia S/S, Pkg-4: Turumunga S/S and T/L and Chandipur S/S and T/L, Pkg-5: Gunupur S/S and T/L, Bahugram S/S and T/L, Pkg-5A: Govindpalli S/S and T/L, Pkg-6: Gondia S/S and T/L and Rajnagar S/S and T/L, Pkg-7, Kiakata S/S and T/L, Dasapala S/S and T/L and Pkg-8: Deogarh S/S and T/L, Lakhanpur S/S and T/L, Lephripada S/S and T/L and Thuapalli S/S and T/L. Disbursement of an ODA Loan by JICA will be subject, in all respects, to the terms and conditions of the Loan Agreement, including the disbursement procedures and the "Guidelines for Procurement under JICA ODA Loans." No party other then Government of India and OPTCL shall derive any rights from the Loan Agreement or have any claim to loan proceeds.
The above Loan Agreement will cover major part of the project cost. As for the remaining portion, Government of India and OPTCL will take appropriate measures for finance.
2. Bidding will be conducted through procedures in accordance with the applicable Guidelines for Procurement under Japanese ODA Loans, and is open to all Bidders from eligible source countries, as defined in the Loan Agreement.
3. The OPTCL now invites sealed Bids from eligible Bidders for the construction and completion of (Design, Supply and Installation) Transmission Lines for 1) 220kV D/C line with ACSR Zebra from Khuntuni (Siaria) to Dhenkanal (New) 2) 220kV LILO line of Dubiri-Meramundali line at (Dhenkanal (new) S/S with LL-ACSR, 3) 132kV D/C Line from Dhenkanal (New) S/S to Dhenkanal S/S, 4) 400kV LILO line from Mendhasal-Kuchei (PG) Line with twin Moose conductor, 5) LILO of 220-kV D/C line from Duburi (new) to Bhadrak with LL-ACSR, 6) LILO of 220kV Duburi-Paradeep Line to 220/132kV Kuakhia S/S, 7) LILO of 132kV J. Road-Kendrapada line to 220/132kV Kuakhia S/s in Odisha State of India under Package-2 ("the Facilities"). International Competitive Bidding will be conducted in accordance with JICA's Single-Stage Two Envelop Bidding Procedure.
4. Eligible Bidders may obtain further information from and inspect the Bidding Documents at the office given below;
CGM (Elect.). CPC, Floor/Room number: 1st Floor, Corporate Building, OPTCL. Street Address: Janpath, Bhubaneswar, Odisha, INDIA, ZIP Code: 751022 Tel: 0674-2541801, Fax: 0674-2542964, Email: sgm.cpc@optcl.co.in/ jica@optcl.co.in
5. A complete set of the Bidding Documents may be purchased by interested Bidders on the submission of a written application to the address above and upon payment of a non-refundable fee of ₹ 22,400/- inclusive of GST @12% or equivalent convertible currency in USD (309) or JPY (35,054), by way of demand draft issued in favour of OPTCL, payable at Bhubaneswar. Odisha, India.
6. Bids must be delivered to the address above on or before 1.00 p.m. on dated 8th April, 2019 and must be accompanied by a Bid security of ₹ 18 Million of JPY 28 Million or USD 0.25 Million.
7. Bids will be opened in the presence of Bidders' representatives who choose to attend at (3.30 p.m. on dated 8th April, 2019) at the office of the CGM (Elect.), CPC, 1st Floor, Conference Hall, Corporate Building, OPTCL, Street Address: Janpath, Bhubaneswar, Odisha. INDIA, ZIP Code: 751002, Tel: 0674-2541801, Fax: 0674-2542964, Email: sgm.cpc@optcl.co.in/ jica@optcl.co.in.

Chief General Manager (Elect.),
CR-Advt.No.- 86/18-19 Email id: sgm.cpc@optcl.co.in/ jica@optcl.co.in
Please connect us: optcl.odisha optcl_odisha energyodisha

ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)
ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. 97/PCD/2018-19. କାର୍ଯ୍ୟର ନାମ : ଗୋରୁମହିଷାଣି ଏସ୍.ଓ., ବାଦାମପାହାଡ଼ ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ଓ ରାଇରଙ୍ଗପୁର ଏଚ୍.ଓ. ଠାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୬,୫୬,୮୬୬/-, ଅମାନତ ଜମା ରାଶି : ଟ.୧୩,୧୩୭/- ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୫.୦୩.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ।
2. NIT No. 98/PCD/2018-19. କାର୍ଯ୍ୟର ନାମ : ଉଦଳା ଏସ୍.ଓ., ବାରିପଦା ଏସ୍‌ଟିଜି ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ଓ ବାରିପଦା ଏଚ୍.ଓ. ଠାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୬,୫୬,୮୬୬/-, ଅମାନତ ଜମା ରାଶି : ଟ.୧୩,୧୩୭/- ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୫.୦୩.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ।
3. NIT No. 99/PCD/2018-19. କାର୍ଯ୍ୟର ନାମ : ହିନ୍ଦୋଳ ଏସ୍.ଓ., ଆଠମଲ୍ଲିକ ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ଓ ଢେଙ୍କାନାଳ ଏଚ୍.ଓ. ଠାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୬,୫୬,୮୬୬/-, ଅମାନତ ଜମା ରାଶି : ଟ.୧୩,୧୩୭/- ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୫.୦୩.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ।
4. NIT No. 100/PCD/2018-19. କାର୍ଯ୍ୟର ନାମ : କାମାକ୍ଷାନଗର ଏସ୍.ଓ., ପାଲଲହରା ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ଓ ତାଳଚେର ଏମ୍‌ଡିଜି ଠାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୬,୫୬,୮୬୬/-, ଅମାନତ ଜମା ରାଶି : ଟ.୧୩,୧୩୭/- ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୫.୦୩.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ।
5. NIT No. 101/PCD/2018-19. କାର୍ଯ୍ୟର ନାମ : ବିସ୍ରା ଏସ୍.ଓ., ସବଡେଗା ଏସ୍.ଓ., କୁଆରମୁଣ୍ଡା ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ଓ ସୁନ୍ଦରଗଡ଼ ଏଚ୍.ଓ. ଏବଂ ବିରମିତ୍ରପୁର ଏସ୍.ଓ. ଠାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୦,୫୬,୪୦୮/-, ଅମାନତ ଜମା ରାଶି : ଟ.୨୧,୧୨୮/- ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୨୪୭/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୫.୦୩.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ।
6. NIT No. 102/PCD/2018-19. କାର୍ଯ୍ୟର ନାମ : ଲାଠିକଟା ଏସ୍.ଓ., ସେକ୍ଟର-୬ ଏନ୍‌ଡିଟିଏସ୍‌ଓ, ଟେନ୍‌ସା ଏସ୍.ଓ. ଠାରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ଓ ବଣାଇଗଡ଼ ଏସ୍.ଓ. ଏବଂ ଉଦିତ୍‌ନଗର ଏଚ୍.ଓ. ଠାରେ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୦,୫୬,୪୦୮/-, ଅମାନତ ଜମା ରାଶି : ଟ.୨୧,୧୨୮/- ଇ-ପୈଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୨୪୭/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପୈଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପୈଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୦୫.୦୩.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ ।
ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha, CIN : U40102OR2004SGC007553
OPTCL Lifeline of Odisha

INVITATION FOR BIDS
(International Competitive Bidding)

Date : [28.02.2019]
Loan Agreement No : [ID-P245]
IFB No : [CPC/JICA/ICB/03/18-19]
Reference Identification No : [OPTCL/JICA/PKG-3]

1. The Government of India (hereinafter referred to as borrower) and Odisha Power Transmission Corporation Limited (OPTCL) (hereinafter referred to as executing agency) has received an ODA loan from Japan International Cooperation Agency (JICA) (formerly JBIC), in the amount of JPY 21,787 Million Japanese Yen, equivalent to approximately USD 182 Million, or approximately Rs.1,1467 Million towards the cost of Odisha Power Transmission System Improvement Project. It is intended that part of the proceeds of this loan will be applied to eligible payments under the Contract for 10 nos. of packages - 'Design, Supply and Installation of Sub-Stations (S/S) & Transmission Lines (T/L) viz; Pkg-1 : Dhenkanal (New) S/S, Pkg-2 : Dhenkanal (New) T/L, Bhadrak New T/L, Kuakhia T/L, Pkg-3 : Bhadrak (New) S/S, Pkg-3A : Kuakhia S/S, Pkg-4 : Turumunga S/S and T/L and Chandipur S/S and T/L, Pkg-5 : Gunupur S/S and T/L, Bahugram S/S and T/L, Pkg-5A : Govindpalli S/S and T/L, Pkg-6 : Gondia S/S and T/L and Rajnagar S/S and T/L, Pkg-7 : Kiakata S/S and T/L, Dasapala S/S and T/L and Pkg-8 : Deogarh S/S and T/L, Lakhanpur S/S and T/L, Lephripada S/S and T/L and Thuapalli S/S and T/L'. Disbursement of an ODA Loan by JICA will be subject, in all respects, to the terms and conditions of the Loan Agreement, including the disbursement procedures and the "Guidelines for Procurement under JICA ODA Loans". No party other than Government of India and OPTCL shall derive any rights from the Loan Agreement or have any claim to loan proceeds.
The above Loan Agreement will cover major part of the project cost. As for the remaining portion, Government of India and OPTCL will take appropriate measures for finance.
2. Bidding will be conducted through procedures in accordance with the applicable Guidelines for Procurement under Japanese ODA Loans, and is open to all Bidders from eligible source countries, as defined in the Loan Agreement.
3. The OPTCL now invites sealed Bids from eligible Bidders for the construction and completion of (Design, Supply and Installation of Sub-Stations & Transmission Lines for Procurement of 400/220/33 kV BHADRAK (Ramakrishnapur) S/S (OUTDOOR GIS) in Odisha State of India under Package-3 ("the facilities"). International Competitive Bidding will be conducted in accordance with JICA's *Single-Stage Two Envelop* Bidding Procedure.
4. Eligible Bidders may obtain further information from and inspect the Bidding Documents at the office given below :
C.G.M (Elect.), CPC, Floor/Room number: 1st Floor, Corporate Building, OPTCL, Street Address : Janpath, Bhubaneswar, Odisha. INDIA, ZIP Code ; 751 022, Tel : 0674-2541801, Fax : 0674-2542964, Email : sgm.cpc@optcl.co.in/jica@optcl.co.in
5. A complete set of the Bidding Documents may be purchased by interested Bidders on the submission of a written application to the address above and upon payment of a non-refundable fee of Rs.22,400/- inclusive of GST @12% or 307.36USD or 34745JPY equivalent convertible currency in USD or JPY, by way of demand draft issued in favour of OPTCL, payable at Bhubaneswar, Odisha, India.
6. Bids must be delivered to the address above on or before 1.00 p.m. on dated 10th April, 2019 and must be accompanied by a Bid Security of *INR 48 Million or JPY 74 Million or USD 0.66 Million*.
7. Bids will be opened in the presence of Bidders' representatives who choose to attend at 3.30 p.m. on dated 10th April, 2019 at the office of the C.G.M. (Elect.), CPC, 1st Floor Conference Hall, Corporate Building, OPTCL, Street Address : Janpath, Bhubaneswar, Odisha, INDIA, ZIP Code ; 751 022, Tel : 0674-2541801, Fax : 0674-2542964, Email : sgm.cpc@optcl.co.in/ jica@optcl.co.in

CR. Advt. No.87/18-19 Chief General Manager (Elect.), C.P.C
Please connect us : optcl.odisha optcl_odisha energyodisha




# ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟ ବୈଠକ

ନବରଙ୍ଗପୁର,୨୭।୨(ବି.ପ୍ର)



ବୈଠକରେ ଜିଲାପାଳଙ୍କ ସହ ବିଧାୟକ ଓ ଅନ୍ୟମାନେ ।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ସ୍ତରୀୟ ବୈଠକ ସ୍ଥାନୀୟ ମିଶନ ଶକ୍ତି ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲାପାଳ ଅଜିତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ଉମରକୋଟ ବିଧାୟକ ସୁବାଷ ଗଣ୍ଡ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତି ଭତ୍ରା, ମନ୍ତ୍ରୀ ପ୍ରତିନିଧି ପ୍ରମୋଦ ପାଢୀ, ପିଏଆଇଟିଡିଏ ଅଣାକାର ଠାକୁର, ଏପିଡି ରତ୍ନାକର ସାହୁ, ବରିଷ୍ଠ ସଦସ୍ୟ ସୋମନାଥ ବିଷୋୟୀ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଦାଶ ବିବରଣୀ ପାଠ କରିଥିଲେ । ଗତ ୧.୪.୨୦୧୮ ସୁଦ୍ଧା ମୋଟ ୩୪ କୋଟି ୧୫ଲକ୍ଷ ୮ ହଜାର ୪୮୬ ଟଙ୍କା ବଳକା ଥିବା ବେଳେ ଚଳିତ ବର୍ଷ ଗତ ଜାନୁୟାରୀ ୩୧ ସୁଦ୍ଧା ମୋଟ ୫୦ କୋଟି ୮୯ ଲକ୍ଷ ୯୦ ହଜାର ଟଙ୍କା ପ୍ରାପ୍ତ ହୋଇଛି । ମୋଟ ୮୫ କୋଟି ୪ ଲକ୍ଷ ୯୮ ହଜାର ୪୮୬ ଟଙ୍କା ମଧ୍ୟରୁ ୨୬ କୋଟି ୫୧ ଲକ୍ଷ ୨୧ ହଜାରଟଙ୍କା ଖର୍ଚ୍ଚ ହୋଇଛି । ସେଥିମଧ୍ୟରୁ ୫୮କୋଟି ୫୩ ଲକ୍ଷ ୭୭ ହଜାର ୪୮୬ ଟଙ୍କା ବଳକା ରହିଛି । ୨୦୧୮-୧୯ରେ କାର୍ଯ୍ୟ ଖସଡା(ଆକ୍ସନ ପ୍ଲାନ) କରାଯାଇ ୨୫୯୭.୩୧ ଲକ୍ଷ ଟଙ୍କା ସରକାରଙ୍କୁ ଅନୁମୋଦନ ପାଇଁ ପଠାଯାଇଛି । ସେଥିମଧ୍ୟରୁ ୫୯୨. ୭୩ ଲକ୍ଷ ଟଙ୍କା ଅନୁମୋଦିତ ହୋଇ ଅନୁଦାନ ଯୋଗାଇ ଦିଆଯାଇଛି । ୨୫ଟି ରାସ୍ତା ପ୍ରକଳ୍ପ ପାଇଁ ୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଜିଲାରେ ଓଟିଇଏଲପି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ମନ୍ଥରତା ପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା । ଆର୍ଟିକିଲ ୨୭୫(୧) ଯୋଜନାରେ ଗତ ୧.୪.୨୦୧୮ ସୁଦ୍ଧା ମୋଟ ୧୫୭.୭୦ ଲକ୍ଷ ଟଙ୍କା ବଳକା ଥିବା ବେଳେ ୨୦୧୮-୧୯ ମସିହାରେ ୬୪୦.୧୭ ଲକ୍ଷ ଟଙ୍କା ପ୍ରାପ୍ତ ହୋଇଛି । ମୋଟ ୭୯୭.୮୭ ଲକ୍ଷ ଟଙ୍କାରୁ ବର୍ତ୍ତମାନ ସୁଦ୍ଧା ୫୩୨.୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୪୯.୯୯ ଲକ୍ଷ ଟଙ୍କା ବଳକା ରହିଛି । ରାଜ୍ୟ ଯୋଜନାରେ ୨୦୧୮-୧୯ ମସିହାରେ ୨୫୫ ଲକ୍ଷ ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ଏହି ଟଙ୍କାରେ ନିର୍ମାଣ, ବିଦ୍ୟୁତକରଣ, ଜଳଯୋଗାଣ ଓ ପାଇଖାନା ନିର୍ମାଣ କରାଯାଇଛି । ଆଶ୍ରମ ସ୍କୁଲର ଉନ୍ନତୀକରଣ ଓ ଅଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ୨୦୧୮ ମସିହାରେ ୩୯୩.୭୭ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୯୭.୯୦୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ବଳକା ଟଙ୍କା ଚଳିତ ମାର୍ଚ୍ଚ ସୁଦ୍ଧା ଖର୍ଚ୍ଚ କରାଯିବାକୁ ଆଲୋଚନା କରାଯାଇଛି । ଏହା ପରେ ସ୍ୱତନ୍ତ୍ର ବିକାଶ ପରିଷଦ, ବିଜୁ କେବିକେ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଏମପି ଓ ବିଧାୟକ ପାଣ୍ଠି, ଏସଟିଏଫ ପ୍ରମୁଖ ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସମସ୍ତ ବ୍ଲକର ଅଧ୍ୟକ୍ଷ ଅଧ୍ୟକ୍ଷା ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ଭକ୍ତ ସମାବେଶ

ଡାବୁଗାଁ,୨୭।୨(ଡି.ଏନ.ଏ.)-

ଡାବୁଗାଁ ବ୍ଲକ ଡ଼ଙ୍ଗରିଗୁଡା ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିରରେ ଜିଲାସ୍ତରୀୟ ଭକ୍ତ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ପି.ଏଲ.ମୂର୍ତ୍ତିଙ୍କ ଦ୍ୱାରା ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା । ଡାବୁଗାଁ ସତ୍ୟସାଇ ସେବା ସମିତିର ଆବାହକ ଏ. ବାଲରାଜୁ ସ୍ୱାଗତ ଭାଷଣ ଦେଇଥିଲେ । ସତ୍ୟ ସାଇ ସେବା ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ଭିଡିଓ କନଫରେନ୍ସି ମାଧ୍ୟମରେ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ । ଅଶୋକ କୁମାର ପାଢୀ ଭକ୍ତଙ୍କ ବିଭିନ୍ନ ପ୍ରକାର ସାଙ୍ଗଠନିକ ପ୍ରଶ୍ନର ଉତ୍ତର ଦେଇଥିଲେ । ଉମରକୋଟ ସମିତିର ସ୍ୱାଗତିକା ସାହୁ ,ରାଇଘର ଭଜନ ମଣ୍ଡଳୀର ପାର୍ଥସାରଥି ସାହୁ , ନବରଙ୍ଗପୁର ସମିତିର ସ୍ୱପ୍ନା ମହାନ୍ତି , ଡାବୁଗାଁ ସମିତିର ପବିତ୍ର କୁମାର ଜେନା ଉପସ୍ଥିତ ଥିଲେ ।ଏଥିରେ ସେବା ଦଳ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ପାର୍ଥସାରଥି ସାହୁ (୧ମ), ସ୍ୱାଗତିକା ସାହୁ (୨ୟ) ଓ ଭାନୁମତୀ ଗୁଳ ଓ ପବିତ୍ର କୁମାର ଜେନା (୩ୟ) ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ନିତ୍ୟାନନ୍ଦ ମହାନ୍ତି, ସୁଦର୍ଶନ ମହାକୁଡ, ରଞ୍ଜିତା ପରିଚ୍ଛା, ଜୋତ୍ସ୍ନା ରାଣୀ, ରଇନୁ ସୁନା, ଚକୋରୀ ସୁନା, ଅମର ସୁନା ସହଯୋଗ କରିଥିଲେ ।

# ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର

କୋଷାଗୁମୁଡା, ୨୭।୨(ଡି.ଏନ.ଏ.)-

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ହର୍ଷ ଟ୍ରଷ୍ଟ କାର୍ଯ୍ୟାଳୟଠାରେ ଆତ୍ମନିଯୁକ୍ତି ନିମନ୍ତେ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର ବୁଧବାର ଉଦଘାଟିତ ହୋଇଯାଇଛି । ଜିଲା ପ୍ରାଣୀ ସମ୍ପଦ ବିଭାଗ ଏବଂ ସ୍ମାଇଲ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଛେଳି ପାଳନ ବିଷୟରେ ଶିବର ଆୟୋଜନ କରାଯାଇଛି । ଚାଷୀମାନେ କିପରି ଉନ୍ନତମାନର କୌଶଳ ଅବଲମ୍ବନ କରି ଅଧିକ ଲାଭବାନ ହେବେ ସେ ବିଷୟରେ ଆଲୋଚନା କରାଯାଉଛି । ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଦିଲୀପ କୁମାର କବିରାଜ ତାଲିମ ପ୍ରଦାନ କରିଥିଲେ । ଅତିରିକ୍ତ ଚିକିତ୍ସକ ଶୁଭାଶିଷ ରାୟ, ପ୍ରାଣୀ ଚିକିତ୍ସକ ଚିରଞ୍ଜିବି ସାହୁ ସହଯୋଗ କରିଥିଲେ ।

**ଘୋଷଣା**

**୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ**

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ରାୟଗଡ଼ା |
| ୨. | ପ୍ରକାଶ ସମୟ | - | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | - | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୧୯






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ

## ସଂକ୍ଷେପରେ

### ଉଜ୍ଜ୍ୱଳ, ଉତ୍‌ଥାନ ତାଲିମ



**ରାୟଗଡା ଅଫିସ୍, ୨୭।୨:** ରାୟଗଡା ସଦର ମହକୁମା ଶାସ୍ତ୍ରୀନଗର ବିଦ୍ୟାଳୟରେ ଉଜ୍ଜଳ, ଆର୍‌ଏସ୍‌ଡବ୍ଲ୍ୟୁ ପ୍ରାଥମିକ ବିଦ୍ୟାଳୟରେ ଉଜ୍ଜଳ ଓ ଉତ୍‌ଥାନ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ରାୟଗଡା ବ୍ଲକ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ, ରାୟଗଡା ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ଅଧିକାରୀ ଆନାସ୍ତେଶିଆ କେରକେଟା ତାଲିମ୍ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ତଲିମ କେନ୍ଦ୍ରରେ ରିସର୍ଚ୍ଚ ପର୍‌ଶନ ଭାବେ ନିତ୍ୟାନନ୍ଦ ପଟ୍ଟନାୟକ, ସସ୍ମିତା ମିଶ୍ର, ମାୟାଧର ପାଢ଼ୀ, ଉମାଶଙ୍କର ପଣ୍ଡା, ସରୋଜ କୁମାର ପତ୍ରୀ ଉପସ୍ଥିତ ଥିଲେ। ବିଆର୍‌ସି ବଳରାମ ହୁଇକା ଓ ଏବିଇଓ ଓ୍ୱାଙ୍ଗରାଇ ଶବର ତାଲିମ କାର୍ଯ୍ୟ ତଦାରଖ କରୁଥିଲେ। ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କୁ ଏହି ତାଲିମ ଦିଆଯିବ ବୋଲି ବିଇଓ ସୂଚନା ଦେଇଛନ୍ତି।

### ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ରାୟଗଡା ଅଫିସ୍, ୨୭।୨:** ବିଷମକଟକରେ ରାୟଗଡା ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ପକ୍ଷରୁ ଚାଲିଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ୪ ସପ୍ତାହ ଧରି ଚାଲିଥିଲା। ଏଥିରେ ବିଷମକଟକ, କୁର୍ଲି, ବୁଡୁବାଲି, କାଙ୍କୁବାଡି, ଦୁର୍ଗୀ, ଚାଟିକଣା, ଡୁକୁମ, ଝିଗିଡି, ମୂର୍ତ୍ତେଲି ଅଞ୍ଚଳର କଲେଜ ଛାତ୍ରୀଛାତ୍ରମାନେ ମାଗଣାରେ କମ୍ପ୍ୟୁଟର ତାଲିମ ନେଇଥିଲେ। ଅଞ୍ଚଳବାସୀଙ୍କ ମଧରେ ରହିଥିବା ଯବାନଙ୍କ ପ୍ରତି ଭୟ ଦୂର, ଲୋକମାନେ ସେମାନଙ୍କ ଅସୁବିଧା ଯବାନଙ୍କୁ ଯେପରି ଜଣାଇବେ ଏହି ଲକ୍ଷ୍ୟରେ କାର୍ଯ୍ୟକ୍ରମ କରାଯାଇଛି ବୋଲି ସମ୍ବଲପୁର ରେଞ୍ଜ ସିଆର୍‌ପିଏଫ୍ ଡିଆଇଜି ଏସ୍.ଡି ପାଣ୍ଡେ ଉଦ୍‌ଯାପନି ଉତ୍ସବରେ କହିଥିଲେ। ଏହି ଅବସରରେ ରାୟଗଡାସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ଏସ୍.କେ ଠାକୁର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଜ୍ୟରାଣୀ ଏକ୍ସପ୍ରେସରେ ଲୁଟ୍

### ମହିଳାଙ୍କ ଭ୍ୟାନିଟି ଝାମ୍ପିନେଲେ

**ଗୁଣପୁର,୨୭।୨(ଡି.ଏନ୍.ଏ.):** ବୁଧବାର ସନ୍ଧ୍ୟାରେ ଗୁଣପୁର ଭୁବନେଶ୍ୱର ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଆନ୍ଧ୍ରର ସମପେଟା ଷ୍ଟେଶନରେ ପାରଳାଖେମୁଣ୍ଡିରୁ କଟକ ଫେରୁଥିବା ଆର. କେ. ମହାନ୍ତିଙ୍କ ସ୍ତ୍ରୀଙ୍କ ଭ୍ୟାନିଟି ବ୍ୟାଗକୁ ଲୁଟେରାମାନେ ଝାମ୍ପି ନେଇଥିଲେ। ଉକ୍ତ ବ୍ୟାଗରେ ମୋବାଇଲ, ସୁନା ଚେନ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ଇଚ୍ଛାପୁର ଷ୍ଟେଶନରେ ଏ ନେଇ ସେମାନେ ଅଭିଯୋଗ କରିଛନ୍ତି। ଟ୍ରେନରେ ପୋଲିସ ନଥିବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି।

### ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ, ଅଭିଯୁକ୍ତ ଗିରଫ

**ଆସିକା,୨୭।୨(ଡି.ଏନ୍.ଏ):** ଆସିକା ଥାନା ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳିକା(୯) ପ୍ରତି ଅସଦାଚରଣ ଉଦ୍ୟମ ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବିପ୍ର ମହାନ୍ତି (୬୫)। ମଙ୍ଗଳବାର ସନ୍ଧ୍ୟାରେ ନାବାଳିକା ତାଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିବା ବେଳେ ଅଭିଯୁକ୍ତ ଏଭଳି ଉଦ୍ୟମ କରିଥିବା ଆସିକା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୫୮/୧୯ରେ ଏକ ମାମଲା ପୋକ୍ସୋ ଆଇନ ଅନୁସାରେ ରୁଜୁ କରାଯାଇଥିବା ଜଣାପଡ଼ିଛି।

---

■ ଗୁଣି ଗାରେଡ଼ି ସନ୍ଦେହରେ ୩ ଜଣଙ୍କୁ ହତ୍ୟା ଘଟଣା

# ମୃତଦେହ ପତ୍ତା ପାଉନି ପୋଲିସ

**ଗୁଣପୁର,୨୭।୨(ଡି.ଏନ୍.ଏ.)**

ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକୁମ୍ବା ପଞ୍ଚାୟତ ଉକୁମ୍ବାଗୁଡ଼ା ଗାଁରେ ୨୩ ତାରିଖରେ ଗୁଣି ଗାରେଡି ସନ୍ଦେହରେ ଗୋଟିଏ ଦମ୍ପତିଙ୍କ ସମେତ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ ମୃତ ଗୋପାଳଙ୍କ ଝିଅ ସବିତା ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମଙ୍ଗଳବାର ଗାଁ ରେ ପହଞ୍ଚିବା ବେଳେ ପୁରୁଷ ଶୂନ୍ୟ ଥିଲା। ଗୋପାଳଙ୍କ ୧୧ବର୍ଷର ପୁଅଙ୍କ ବୟାନ ଆଧାରରେ ପରବର୍ତ୍ତୀ ସମୟରେ ପୁଣି ପୋଲିସ ଯାଇ କିଛି ଲୋକଙ୍କୁ ଥାନାକୁ ଆଣି ପଚରା ଉଚରା ଚଳାଇଛି। ବୁଧବାର ଅତିରିକ୍ତ ଏସ୍‌ପି ଭି.ଆର.ରାଓଙ୍କ ସମେତ ଏସଡିପିଓ ରାଜ କିଶୋର ଦାସ ଉକୁମ୍ବାଗୁଡା ଯାଇ ତଦନ୍ତ କରିଛନ୍ତି। ଗାଁ ଦାଣ୍ଡରେ ଥିବା ବାବୁ ଦେବତାଙ୍କ ଆଖପାଖ ଅଞ୍ଚଳ ବୁଲି ଦେଖିଥିଲେ। ହତ୍ୟାପରେ ମୃତଦେହ ଗୁଡିକୁ କ'ଣ କରାଯାଇଛି ତାହାର ତଦନ୍ତ ପୋଲିସ ଚାଲୁ ରଖିଛି। ହେଲେ ଏଯାଏଁ କୌଣସି ସୁରାକ ପୋଲିସର ହସ୍ତଗତ ହୋଇନାହିଁ। ପ୍ରକାଶ ଯେ, ଉକୁମ୍ବାଗୁଡା ଗ୍ରାମର ବଡ ସାହିର ଗୋପାଳ ଶବର(୪୬), ତାଙ୍କ ସ୍ତ୍ରୀ ଲକ୍ଷ୍ମୀ(୪୦) ଏବଂ ଗାଁର ଅନ୍ୟ ଜଣେ ବୃଦ୍ଧା ଝାଙ୍କିଲି ଶବର(୭୬)ଙ୍କୁ ଗାଁ ଦାଣ୍ଡରେ ଥିବା ବାବୁ ଦେବତାଙ୍କ ପାଖରେ ଗାଁର ୩୦ରୁ ୪୦ ଜଣ ହତ୍ୟା କରିଥିବା ଝିଅ ସବିତା ସୋମବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଏତଲା ପାଇବା ପରେ ମଙ୍ଗଳବାର ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରତ୍ୟେକ୍ଷଦର୍ଶୀ(ଗାପଳଙ୍କ ୧୧ ବର୍ଷର ପୁଅ)ଙ୍କ ବୟାନକୁ ଆଧାର କରି ପୋଲିସ ଏବେ ତଦନ୍ତ ଆରମ୍ଭ କରିଛି। ଗାଁରେ ଜଣେ ଲୋକ ରୋଗାକ୍ରାନ୍ତ ହୋଇ ମରିଯିବା ପରେ ଗୁଣି ଗାରେଡି ସନ୍ଦେହରେ କରାଯାଇଥିବା ଏହି ହତ୍ୟାକାଣ୍ଡ ଏକ ଅମାନବୀୟ ଘଟଣା ବୋଲି କୁହାଯାଉଛି।



ଗାଁ ମୁଣ୍ଡରେ ଥିବା ବାବୁ ଦେବତାଙ୍କ ନିକଟରେ ଏଏସ୍‌ପି ଅନୁଧ୍ୟାନ କରୁଛନ୍ତି।

---



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ତମାଖୁ ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୨୭।୨ (ଡି.ଏନ୍.ଏ.)**

ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ପଦ୍ମପୁରସ୍ଥିତ ଆରିୟନ ସ୍କୁଲରେ ତମାଖୁ ସେବନ କୁପ୍ରଭାବ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଯ୍ୟ ଡାକ୍ତର ରାଜେଶ ରାଉତ, ଡାକ୍ତର ଗୋଲକ ଦାଶ, ଜିଲା ପରାମର୍ଶଦାତା ସଂଯୁକ୍ତା ବାଗ୍, ସାମାଜିକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଫିରା ରାଇକା ଉପସ୍ଥିତ ଥିଲେ। ତମାଖୁ ଓ ନିଶା କିଭଳି ସମାଜକୁ କବଳିତ କରୁଛି ସେ ନେଇ ଅତିଥି ମତ ଦେଇଥିଲେ। ବର୍ତ୍ତମାନ ସମାଜରେ ଯୁବଗୋଷ୍ଠୀ ଓ ଶିଶୁଙ୍କ ଉପରେ ଏହାର ବେଶୀ ପ୍ରଭାବ ପଡୁଛି। ଏହାପରେ ଏକ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟ କରିମେରକା ପ୍ରଥମ, ପ୍ରଲିପ୍ତା ଦାଶ ଦ୍ୱିତୀୟ ଓ ଜାମି ବିଜୟ ତୃତୀୟ ହୋଇଛନ୍ତି।

## ୧୭ଦଫା ଦାବିରେ ଭାଜପାର ରିଲେ ଅନଶନ

**ରାୟଗଡା ଅଫିସ୍, ୨୭।୨**

ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ ଦିନରୁ ବିଭିନ୍ନ ସମସ୍ୟା ଲାଗି ରହିଛି। ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନ ଏହାର ସମାଧାନ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପୁଣିଥରେ ୧୭ଦଫା ଦାବିନେଇ ଜିଲା ଭାଜପା ବୁଧବାରରୁ ରିଲେ ଅନଶନ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୦୦ଶଯ୍ୟା କାର୍ଯ୍ୟକାରୀ, ୧୬ଡାକ୍ତର, ୭୫ଷ୍ଟାଫ ନର୍ସ, ୨୪ଏଏନ୍‌ଏମ୍ ଓ କାଶୀପୁରରେ ୫ଟି ଡାକ୍ତର ପଦବୀ ପୂରଣ ଆଦି ମୁଖ୍ୟ ଦାବି ରହିଛି। କାଳିରାମ ମାଝୀଙ୍କ ନେତୃତ୍ୱରେ ଚାଲଇଥିବା ଏହି ଅନଶନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତପନ ତପାଦାର, ରାଜ୍ୟ ଉପସଭାପତି ରଜତ ମାଦଳା, ଜିଲା ଉପସଭାନେତ୍ରୀ କେ.ଅଶ୍ୱିନୀ, ଜିଲା କୋଷାଧକ୍ଷ ବଂଶୀଧର ପଣ୍ଡା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗୀ, ନଗର ସଭାପତି ଏମ୍.ରାମାରାଓ, ରାୟଗଡା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପିପିଲଗୁଡା ମଣ୍ଡଳ ସଭାପତି ପ୍ରଫୁଲ୍ଲ ଚୌଧୁରୀ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମେଶ ଖସଲା, କୁମ୍ଭିକୋଟା ମଣ୍ଡଳ ସମ୍ପାଦକ ବାଲାଜି କାଡ୍ରାକା, ରାୟଗଡା ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ପି.ଭାସ୍କର ରାଓ, ରାୟଗଡା ମଣ୍ଡଳ ଉପସଭାପତି ଏଲ୍.ଶ୍ରୀନିବାସ ରାଓ, ନଗର ସାଧାରଣ ସମ୍ପାଦକ ନବୀନ ପଣ୍ଡା, ତିମିକା ଶ୍ରୀନିବାସ ରାଓ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଜି.ରାଜେଶ୍ୱରୀ, ଜି.ତ୍ରିବେଣୀ, ନିରଞ୍ଜନ, ଦୀପକ ପାତ୍ର, ବସନ୍ତି ନାଥ, ଶଙ୍କର ପୁଲାକା, ରଜନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ।



ଅନଶନରେ ସାମିଲ ହୋଇଥିବା ଭାଜପା କର୍ମୀ।

---

■ ପଦାମୃତ ନୃତ୍ୟାୟନର ୪ର୍ଥ ବାର୍ଷିକ ଉତ୍ସବ

## ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ

**ପାରଳାଖେମୁଣ୍ଡି, ୨୭।୨(ସ୍ୱ.ପ୍ର.)**

**ନୃତ୍ୟଗୁରୁ ଯୁଧିଷ୍ଠିର ନାୟକଙ୍କୁ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ**

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଅର୍ବାନ ବ୍ୟାଙ୍କ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ପଦାମୃତ ନୃତ୍ୟାୟନ ଅନୁଷ୍ଠାନର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିସହ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ସ୍ମୃତି ସନ୍ଧ୍ୟା ମଧ ପାଳନ କରାଯାଇଛି। ଉତ୍ସବରେ ଅତିଥି ଭାବେ ପାରଳାଖେମୁଣ୍ଡି ସ୍ୱାଭିମାନ ମଞ୍ଚ ଆବାହକ ତିରୁପତି ପାଣିଗ୍ରାହୀ ଯୋଗଦେଇ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ଗଙ୍ଗାଧରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱରସ୍ଥ ରୁଦ୍ରାକ୍ଷ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଓଡ଼ିଶୀ ନୃତ୍ୟଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଯୋଗଦେଇ ଓଡ଼ିଶୀ ନୃତ୍ୟକୁ ସୁଦୂର ପ୍ରସାରୀ କରିବା ଦିଗରେ ଗୁରୁ ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ତାଙ୍କର ସାଧନା ଓ ତ୍ୟାଗ ବଳରେ କୋଣାର୍କ ନାଟ୍ୟ ମଣ୍ଡପ ଭଳି ନୃତ୍ୟ ଅନୁଷ୍ଠାନ ସୃଷ୍ଟି ହୋଇପାରିଥିବା ସେ ପ୍ରକାଶ କରିଥିଲେ। ଉତ୍ସବରେ ପଦାମୃତ ନୃତ୍ୟାୟନର ସଭାପତି କେ. ରାମସ୍ୱାମୀ ପୌରହିତ୍ୟ କରି ଅନୁଷ୍ଠାନର କାର୍ଯ୍ୟ ସମ୍ପର୍କରେ ବଖାଣିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଯୁଧିଷ୍ଠିର ନାୟକଙ୍କୁ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆଦର୍ଶ ଦାସ, ଗୁରୁ ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ଓ ପଲ୍ଲୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଗଣେଶ ମହାରଣା, ଘନଶ୍ୟାମ ବେହେରା, ବିନ୍ଦୁପ୍ରିୟା ବେହେରା, ସିନି ବେହେରା, ଖଗେଶ୍ୱରୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ଷ୍ଟେଶନରୁ ଧରାପଡ଼ିଲେ



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

**ରାୟଗଡା ଅଫିସ୍, ୨୭।୨**

ରାୟଗଡା ଜିଆର୍‌ପି ପୋଲିସ ବୁଧବାର ସକାଳେ ୭କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍‌ତୋଲ ଅଞ୍ଚଳର ଯୀଶୁ କୃଷ୍ଣ ପରିଡା। ଏ ନେଇ ଆର୍‌ପିଏଫ୍ ଥାନାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଆର୍‌ପି ଡିଏସ୍‌ପି କୈଳାଶ ଚନ୍ଦ୍ର ବୁରୁଦା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଯୀଶୁ ରାୟଗଡ଼ା ରେଳଷ୍ଟେଶନ ୧ନମ୍ବର ପ୍ଲାଟଫର୍ମରେ ଏକ କଳା ରଙ୍ଗ ବ୍ୟାଗଧରି ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଆଇ ଏନ୍.ନାୟକ ତତ୍ତ୍ୱାବଧାନ ଓ ଆର୍‌ପିଏଫ୍ ଷ୍ଟାଫ୍ ବି.ତିଲକଙ୍କ ନେତୃତ୍ୱରେ ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ ପାଟ୍ରୋଲିଂ କରୁଥିଲେ। ସନ୍ଦେହ ହେବାରୁ ସେମାନେ ଯୀଶୁଙ୍କ ବ୍ୟାଗ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଯୀଶୁ ଫୁଲବାଣୀରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଯିବାପାଇଁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏନେଇ ଜିଆର୍‌ପି ଥାନାରେ ନମ୍ବର ୫/୧୯ରେ ମାମଲା ରୁଜୁ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ଜିଆର୍‌ପି ଥାନାଧିକାରୀ ଶୁଭେନ୍ଦୁ ଶବର, ଆର୍‌ପିଏଫ୍ ଥାନାଧିକାରୀ ଡି.ଏନ୍ ତ୍ରିଲକ, ଜିଆର୍‌ପି ଏଏସ୍‌ଆଇ ଏସ୍.ବି ଶବର ଉପସ୍ଥିତ ଥିଲେ।

---

# ଚାଇଲ୍ଡ ଫ୍ରେଣ୍ଡ୍ଲି ପୋଲିସ ଷ୍ଟେଶନ ଉଦ୍‌ଘାଟିତ



ଆଇ.ଜି ଅରୁଣ ବୋଥ୍ରାଙ୍କ ଗହଣରେ ପିଲା ଏବଂ ଅନ୍ୟମାନେ।

**ପାରଳାଖେମୁଣ୍ଡି, ୨୭।୨(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପରିସରରେ ବୁଧବାର ଚାଇଲ୍ଡ ଫ୍ରେଣ୍ଡ୍ଲି ପୋଲିସ ଷ୍ଟେଶନ୍ (ଶିଶୁଙ୍କ ବନ୍ଧୁ ଥାନା) ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ପୋଲିସ ଆଇ.ଜି. ଅରୁଣ ବୋଥ୍ରା ଯୋଗଦେଇ ରିବନ୍ କାଟି ଥାନାକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ପାରଳାଖେମୁଣ୍ଡି ଥାନା ପରିସରରେ ମହିଳାଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ଥାନା ଖୋଲାଯାଇଥିଲା। ବର୍ତ୍ତମାନ ଶିଶୁମାନଙ୍କ ସହିତ ପୋଲିସ କର୍ମଚାରୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ସୁଦୃଢ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି କରାଇବା ଲକ୍ଷ୍ୟରେ ଓଡ଼ିଶା ସରକାର ଏଭଳି କାର୍ଯ୍ୟକ୍ରମ ହାତକୁ ନେଇଥିବା ଆଇ.ଜି. ବୋଥ୍ରା କହିଥିଲେ। ଗଜପତି ଜିଲାରେ ଏହା ପ୍ରଥମ ଚାଇଲ୍ଡ ଫ୍ରେଣ୍ଡ୍ଲି ପୋଲିସ ଷ୍ଟେଶନ୍ ହୋଇଥିବାବେଳେ ଏହା ପରିସରରେ ଶିଶୁଙ୍କ ଅବସର ବିନୋଦନ ପାଇଁ ମଧ ବ୍ୟବସ୍ଥା ରହିଛି। ଉକ୍ତ କାର୍ଯ୍ୟକ୍ରମରେ ନବଜୀବନ ଟ୍ରଷ୍ଟ ବିଦ୍ୟାଳୟର ଅନେକ ବାଳିକା ବାଳକ ଯୋଗଦେଇ ଆଇଜି ବୋଥ୍ରାଙ୍କୁ ଭେଟିବା ସହ ଥାନା ବିଷୟରେ ପଚାରି ବୁଝିଥିଲେ । ଅନ୍ୟତମ ଅତିଥି ଭାବେ ଜିଲା ଆରକ୍ଷୀ ଅଧ୍କ୍ଷକ ଶାରା ଶର୍ମା ଯୋଗଦେଇ ଏହି ଥାନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ କହିଥିଲେ। ସାଧାରଣ ଜନତାଙ୍କୁ ପୋଲିସର ଅଧିକ ନିକଟତର କରିବା ପାଇଁ ଏଭଳି ଥାନାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳାଖେମୁଣ୍ଡି ଥାନା ଅଧିକାରୀ ବାବୁଲି ନାୟକଙ୍କ ସମେତ ବହୁ ପୋଲିସ କର୍ମଚାରୀ ଏବଂ ଜିଲା ଶିଶୁ ମଙ୍ଗଳ ସମିତି ଓ ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀମାନେ ଉପସ୍ଥିତ ଥିଲେ।

---

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କାଶୀନଗର, ୨୭।୨(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ଅଲଡାସ୍ଥିତ ଅଲଡା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିଥିଲା। ମଙ୍ଗଳବାର ସକାଳେ ପୁଲିଗୁମି ଦୁର୍ଗା ମନ୍ଦିରଠାରୁ ମଶାଲ ଅଣାଯିବା ପରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମିଲନ ପୁରୋହିତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଶ୍ରୀରାମ ଡିଗ୍ରୀ କଲେଜର ଅଧକ୍ଷ ପ୍ରଶାନ୍ତ ବନପାଲି ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପାଠପଢା ସହ ଖେଳକୁଦର ଆବଶ୍ୟକତା ରହିଛି ଏବଂ ଏହାଦ୍ୱାରା ମନ ଓ ଶରୀର ସୁସ୍ଥ ରହେ ବୋଲି ସେ ନିଜ ଉଦ୍‌ବୋଧନରେ କହିଥିଲେ। କମ୍ପ୍ୟୁଟର ଶିକ୍ଷକ ପଞ୍ଚାନନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ କ୍ରୀଡ଼ା ଶିକ୍ଷକ ବିଶ୍ୱବିଜୟୀ ବିବେକାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

---



ସବଜଜ୍ ସତ୍ୟନାରାୟଣ କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ସବ୍‌ଜଜ୍, ଏସ୍‌ଡିଜେଏମ୍‌ଙ୍କୁ ସମ୍ବର୍ଦ୍ଧନା

**ଗୁଣପୁର,୨୭।୨(ଡି.ଏନ୍.ଏ.)**

ଗୁଣପୁର ସବଜଜ୍ ସତ୍ୟନାରାୟଣ କରଙ୍କୁ କଟକକୁ ସିଜେଏମ୍ ଭାବେ ବଦଳି କରାଯାଇଛି। ତାଙ୍କୁ ଗୁଣପୁର ଓକିଲ ସଂଘ ପକ୍ଷର ବୁଧବାର ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନୟାକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଏସ୍.ଗଣପତି ରାଓ, ଦୁର୍ଗା ପ୍ରସାଦ ମଣିପାତ୍ର, ଏସ୍.ଭି ପ୍ରସାଦ, ସଂପାଦକ ବିଷ୍ଣୁ ପାଢୀ ଉପସ୍ଥିତ ଥିଲେ। ସହିପରି ଗୁଣପୁର ଏସ୍‌ଡିଜେଏମ ବିଭୁଦତ୍ତ ନାୟକଙ୍କୁ ଗୁଣପୁର ସବ୍‌ଜଜ୍ ଭାବେ ପଦୋନ୍ନତି କରାଯାଇଛି। ସେ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିବେ । ନୂତନ ଏସ୍‌ଡିଏଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ ମଧ କାର୍ଯ୍ୟରେ ଯୋଗଦେବେ।

---

# ଜିଲା ପ୍ରଶାସନର ଦ୍ୱାରସ୍ଥ କୁମୁଲସିଂବାସୀ

**ପାରଳାଖେମୁଣ୍ଡି, ୨୭।୨(ସ୍ୱ.ପ୍ର.)**

**ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଦାବି**

ଗଜପତି ଜିଲା ରାୟଗଡ ବ୍ଲକର କୁମୁଳସିଂ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଏକ ନିର୍ବିବାଦୀୟ ଜାଗାରେ ନିର୍ମାଣ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଯେଉଁଠି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ଉଦ୍ୟମ ଚାଲିଛି ତାହା ବିବାଦୀୟ ଜାଗା। ସେଠାରେ କାର୍ଯ୍ୟାଳୟ ନିର୍ମାଣ ହେଲେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଫାଇଦା ଉଠାଇବେ ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ତେଣୁ ଗ୍ରାମ ନିକଟ ଏକ ପୁରୁଣା ବ୍ରିଟିଶ ବଙ୍ଗଳାର ପୂର୍ବ ଦିଗରେ ଥିବା ନିର୍ବିବାଦୀୟ ଜାଗାରେ କାର୍ଯ୍ୟାଳୟ ନିର୍ମାଣ ଲାଗି ପଦକ୍ଷେପ ନେବାକୁ ଲୋକେ ମତ ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନ ଥିବାରୁ ଜନସାଧାରଣ ଓ ପଞ୍ଚାୟତ ପ୍ରତିନିଧିମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବରୁ ରାୟଗଡ ବିଡିଓ ଏବଂ ଜିଲାପାଳଙ୍କୁ ଜଣାଇ ନିରାଶ ହୋଇଥିଲୁ। ମାତ୍ର ଏବେ ପୁନର୍ବାର ଆଶା ବାନ୍ଧି ପ୍ରଶାସନକୁ ଗୁହାରି ଜଣାଇଛୁ ବୋଲି ୱାର୍ଡମେମ୍ବର ଜିଗନ୍ତି ଗମାଙ୍ଗ, ଦଣ୍ଡ ଶବର, ପ୍ରେମିକା ଗମାଙ୍ଗ, ଉପେନ୍ଦ୍ର ଗମାଙ୍ଗ, ଗଗନ ରଇତ, ଉମା ରଇତ, ଆଲୋକ ଗମାଙ୍ଗ ପ୍ରମୁଖ କହିଛନ୍ତି।

ଜିଲା ପ୍ରଶାସନକୁ ଅଭିଯୋଗ ଜଣାଇବା ପାଇଁ ଆସିଥିବା କୁମୁଳସିଂ ଗାଁ ଲୋକେ।